ଧରିତ୍ରୀ
DHARITRI
October 9-15, 2022 ₹ 2/-





୩
ପ୍ରଚ୍ଛଦ ପ୍ରସଙ୍ଗ

# ମଞ୍ଚ ମାୟା

ଉଭୟ କଳାକାର ଓ କଳାପ୍ରେମୀଙ୍କୁ ଦିନେ ପାଗଳ କରିଥିଲା ମଞ୍ଚ ନାଟକ। କିନ୍ତୁ ସମୟକ୍ରମେ ଏହାର ଲୋକପ୍ରିୟତା କିଛିଟା କମିବାରେ ଲାଗିଲା। ହେଲେ ମଞ୍ଚପ୍ରିୟ କଳାକାରମାନେ ଏହାକୁ ସହଜରେ ଗ୍ରହଣ କରିପାରିଲେ ନାହିଁ। ପୁଣିଥରେ ଅଣ୍ଟା ଭିଡିଲେ ମଞ୍ଚକୁ ସଜାଡିବା ପାଇଁ...



## କେଉଁଠି ରଖିବେ ମା' ଲକ୍ଷ୍ମୀଙ୍କ ଚରଣ ଚିହ୍ନ

**ମାତା ଲକ୍ଷ୍ମୀଙ୍କୁ ଧନ, ସୁଖ, ସମୃଦ୍ଧିର ଦେବୀ ବୋଲି କୁହାଯାଏ। ନିଷ୍ଠାର ସହ ତାଙ୍କୁ ପୂଜିଲେ ଘରେ ସୁଖଶାନ୍ତି ବଢ଼ିବା ସହ ଐଶ୍ୱର୍ଯ୍ୟ ବୃଦ୍ଧି ହୁଏ ବୋଲି ବିଶ୍ୱାସ ରହିଛି। କେବଳ ମା'ଙ୍କ ପ୍ରତିମା ନୁହେଁ, ତାଙ୍କ ଚରଣ ଚିହ୍ନ ବି ବହୁତ ଶୁଭ ହୋଇଥାଏ। ତେବେ ବାସ୍ତୁଶାସ୍ତ୍ର ଅନୁଯାୟୀ ମା'ଙ୍କ ଚରଣ ଚିହ୍ନ ଘରେ କେଉଁଠି ରଖିଲେ ଶୁଭଫଳ ମିଳେ ଜାଣନ୍ତୁ ସେ ସମ୍ପର୍କରେ...**

✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ମୁଖ୍ୟଦ୍ୱାର ନିକଟରେ ଯେମିତି ସ୍ୱସ୍ତିକ ଚିହ୍ନ କିମ୍ବା ଓଁ ଲେଖିବା ଶୁଭ ହୋଇଥାଏ, ଠିକ୍ ସେହିପରି ମା' ଲକ୍ଷ୍ମୀଙ୍କର ଚରଣ ଚିହ୍ନ ଲଗାଇବା ମଧ୍ୟ ଅତ୍ୟନ୍ତ ଶୁଭ ହୋଇଥାଏ। କୁହାଯାଏ, ଏହାଦ୍ୱାରା ଘରେ ମାତା ଲକ୍ଷ୍ମୀଙ୍କର ଶୁଭ ଦୃଷ୍ଟି ପଡ଼ିଥାଏ। ଘରେ ସୁଖ, ସମୃଦ୍ଧି ବୃଦ୍ଧି ହୋଇଥାଏ। ତା'ସହ ଘରୁ ନକାରାତ୍ମକ ଊର୍ଜା ନଷ୍ଟହୋଇ ସକାରାତ୍ମକ ବାତାବରଣ ଖେଳିଯାଏ।



✲ ମାତା ଲକ୍ଷ୍ମୀଙ୍କର ଚରଣ ଚିହ୍ନକୁ ପୂଜାଘରେ ସ୍ଥାପନା କଲେ ମା'ଙ୍କର କରୁଣା ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହାବାଦ୍ ପୂଜାଘରେ ମା' ଲକ୍ଷ୍ମୀଙ୍କ ଫଟୋ ସହ ଭଗବାନ କୁବେରଙ୍କ ଫଟୋ ରଖି ପୂଜିଲେ ମଧ୍ୟ ଶୁଭଫଳ ପ୍ରାପ୍ତି ହୋଇଥାଏ ବୋଲି ବାସ୍ତୁବିତ୍‌ମାନେ ମତ ଦେଇଥାନ୍ତି।

✲ ମା'ଙ୍କର ଚରଣ ଚିହ୍ନ ଯେଉଁଠି ବି ରଖିବେ, ସେହି ସ୍ଥାନକୁ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରଖିବା ଆବଶ୍ୟକ। ମୁଖ୍ୟଦ୍ୱାର ନିକଟରେ ରଖୁଥିଲେ, ଧ୍ୟାନଦେବେ ଯେମିତି ଦ୍ୱାର ଖୋଲିବା କିମ୍ବା ବନ୍ଦ କରିବା ସମୟରେ ସେଥିରୁ କୌଣସି ପ୍ରକାର ଶବ୍ଦ ଆସୁ ନ ଥିବ। କାରଣ ଏହି ଶବ୍ଦ ଦ୍ୱାରା ଘରେ ନକାରାତ୍ମକ ଊର୍ଜା ସୃଷ୍ଟି ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୯-୧୫

**ମେଷ**
ପୂର୍ବ ସ୍ଥିରୀକୃତ ଯାତ୍ରା, କରଜଦାତାଙ୍କ ଚାପ, ମାନସିକ ଅସ୍ଥିରତା, ଭୁଲ୍ ନିଷ୍ପତ୍ତିରୁ ଦ୍ୱନ୍ଦ୍ୱ, ଅଶାନ୍ତ ବାତାବରଣ, ପରିସ୍ଥିତିରେ ସାମ୍ୟତା, ସଭାସମିତିକୁ ଆହ୍ୱାନ, ନୂତନ ସ୍ଥାନ ପରିଦର୍ଶନ, ବନ୍ଧୁବର୍ଗଙ୍କ ପ୍ରେରଣା, ସାହିତ୍ୟକୃତିରୁ ପ୍ରଶଂସା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ।

**ବୃଷ**
ବିଶୃଙ୍ଖଳିତ କାର୍ଯ୍ୟ, ପାରିବାରିକ ଅସହମତି, ସଙ୍ଗୀତ ସାଧନା, ସାମ୍ବାଦିକତାରୁ ଗୌରବ, ପ୍ରଶାସନିକ ସଫଳତା, ବନ୍ଧୁଙ୍କ ଅନାସ୍ଥାଭାବ, ଅର୍ଥ ସମ୍ପର୍କୀୟ ବିବାଦ, ବିବାଦରେ ବିଜୟ, ବ୍ୟବସାୟିକ ଉନ୍ନତି, ପ୍ରତିବନ୍ଧକ ଆସିପାରେ।

**ମିଥୁନ**
ସ୍ୱାସ୍ଥ୍ୟରେ ଅବନତି, ପାରିବାରିକ ଆକ୍ଷେପୋକ୍ତି, ସମ୍ମାନହାନିର ଅନୁଚିନ୍ତା, ସହଯୋଗର ଅଭାବ, ସାଙ୍ଗଠନିକ ଆଲୋଚନା, ଆର୍ଥିକ ଅନଟନ, ନିର୍ମାଣରେ ସମସ୍ୟା, ସ୍ତ୍ରୀଙ୍କ ପ୍ରେରଣା।

**କର୍କଟ**
ବିକ୍ଷିପ୍ତ ଚିନ୍ତାଧାରା, କର୍ମାରମ୍ଭରେ ବିଘ୍ନ, ପ୍ରତିଯୋଗିତାରୁ କଳହ, ବିଦେଶ ଯାତ୍ରାର ସୁଯୋଗ, ଶିଳ୍ପ ବାଣିଜ୍ୟରେ ଅଗ୍ରଗତି, ଉପରିସ୍ଥଙ୍କ ପରାମର୍ଶ, ଆତ୍ମୀୟଙ୍କ ଅପପ୍ରଚାର, ରୋଗପୀଡ଼ା ହ୍ରାସ, ବନ୍ଧୁମିଳନର ପ୍ରସ୍ତୁତି।

**ସିଂହ**
ନୂତନ ଯୋଜନାରମ୍ଭ, ଅଂଶୀଦାରଙ୍କ ସମର୍ଥନ, ଆର୍ଥିକ ସହଯୋଗ, ରାଜନୈତିକ ବିବାଦ, ମକଦ୍ଦମାର ଫଇସଲା, ନୂତନ ଗୃହ ନିର୍ମାଣ, ଯାନବାହନ ମରାମତି, ପାରିବାରିକ ମତପାର୍ଥକ୍ୟ, ଋଣ ପରିଶୋଧ।

**କନ୍ୟା**
ସମସ୍ୟାର ସୂଚନା, ଅର୍ଥ ସଙ୍କଟରୁ କାର୍ଯ୍ୟହାନି, ପଡ଼ୋଶୀଙ୍କ ସାହାଯ୍ୟ, ଯାତ୍ରା ପାଇଁ ପ୍ରସ୍ତୁତି, ନିର୍ମାଣର ଅପୂର୍ଣ୍ଣତା, ସ୍ତ୍ରୀଙ୍କ ପରାମର୍ଶ, ଆରୋଗ୍ୟ ଲାଭ, ପ୍ରତିରୋଧରୁ ଅସ୍ଥିରତା, ପଦୋନ୍ନତିର ସୂଚନା, ଗଠନମୂଳକ କାର୍ଯ୍ୟ, ଗୁପ୍ତମନ୍ତ୍ରଣା।

**ତୁଳା**
ଅର୍ଥନୈତିକ ସମସ୍ୟା, ସାମାଜିକ ସ୍ୱୀକୃତି, ମାନସିକ ଶାନ୍ତି, ଶତ୍ରୁତାର ସମାଧାନ, ଅବହେଳାରୁ କର୍ମହାନୀ, ସମ୍ପର୍କରେ ନ୍ୟୂନତା, ପ୍ରକାଶନରେ ବିଳମ୍ବ, ଭ୍ରାତୃ ସମ୍ପର୍କରେ ଅବନତି, କ୍ରନିକ୍ ରୋଗରେ ପୀଡ଼ା, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା।

**ବିଛା**
ବନ୍ଧୁଙ୍କ ବଦାନ୍ୟତା, ଅଭିଳାଷ ପୂରଣ, ବ୍ୟାଙ୍କ ଋଣ ପ୍ରାପ୍ତି, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ସ୍ୱଜନ ସମ୍ପର୍କରେ ଉନ୍ନତି, ଶିକ୍ଷାରେ ଏକାଗ୍ରତା, ଆତ୍ମୀୟଙ୍କ ଆକ୍ଷେପୋକ୍ତି, ପରିବହନରେ ସମସ୍ୟା, କର୍ମକ୍ଷେତ୍ରରେ ବିବାଦ, ତୀର୍ଥାଟନର ଯୋଜନା।

**ଧନୁ**
ପରିସ୍ଥିତି ବିଗିଡ଼ିବ, ସମ୍ପର୍କ ହ୍ରାସରେ ମନସ୍ତାପ, ପ୍ରତିରୋଧର ସାମ୍ନା, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ଅସ୍ୱସ୍ତିକର ପରିବେଶ, ବନ୍ଧୁଙ୍କ ପରାମର୍ଶ, ପାରିବାରିକ ସହମତି, ଯାନ୍ତ୍ରିକ ଜିନିଷ କ୍ରୟ, କଳା ସାହିତ୍ୟରେ ପ୍ରଶଂସା।

**ମକର**
ସ୍ୱାସ୍ଥ୍ୟହାନି, ମିତ୍ରବନ୍ଧୁରେ କଳହ, ସାହସିକ ପଦକ୍ଷେପ, ସ୍ୱଜନଙ୍କ ଅସହଯୋଗ, ବିଷମ ପରିସ୍ଥିତି, ବ୍ୟବସାୟରେ ବ୍ୟସ୍ତତା, ସହକର୍ମୀଙ୍କ କଟୂକ୍ତି, ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରୀଡ଼ା ସଙ୍ଗୀତରୁ ସମ୍ମାନ।

**କୁମ୍ଭ**
କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ନୀଚଜନଙ୍କ ବିରୋଧ, ସମସ୍ୟା ଆସିପାରେ, ଲକ୍ଷ୍ୟ ହାସଲରେ ବାଧା, ଯୋଗ ସାଧନାରେ ରୁଚି, ଉତ୍ସବାନୁଷ୍ଠାନକୁ ଆମନ୍ତ୍ରଣ, ଦ୍ରବ୍ୟ ଲାଭରୁ ଆନନ୍ଦ, ଗୁପ୍ତ ମନ୍ତ୍ରଣା, ସନ୍ଦେହରୁ ମତାନ୍ତର, ଧର୍ମକାର୍ଯ୍ୟରେ ନିଷ୍ଠା, ନୂତନ ପ୍ରକଳ୍ପାରମ୍ଭ।

**ମୀନ**
ମାନସିକ ଶାନ୍ତି, ଦୂରଦର୍ଶିତାରୁ କାର୍ଯ୍ୟସିଦ୍ଧି, ପରିଜନଙ୍କ ସହଯୋଗ, କାର୍ଯ୍ୟ ଅଟକିବ ନାହିଁ, ମାମଲାରେ ଡିଗ୍ରୀ, ଚୁକ୍ତିପତ୍ର ସମ୍ପାଦନ, ସମୟୋଚିତ ପଦକ୍ଷେପ, ସଜ୍ଜନ ସମ୍ପର୍କ, ସଭାସମିତିକୁ ନିମନ୍ତ୍ରଣ, ବିଦେଶ ଯାତ୍ରାର ସୁଯୋଗ।

## ମା' ଲକ୍ଷ୍ମୀଙ୍କର ପ୍ରସାଦ

ଧନ ଓ ସମୃଦ୍ଧିର ଦେବୀ ମାତା ଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିଷ୍ଠାର ସହ ପୂଜା କରିବା ସହ ତାଙ୍କ ନିକଟରେ ନାନାଦି ରକମର ଭୋଗ କରାଯାଇଥାଏ। କିନ୍ତୁ ଜାଣନ୍ତି କି ଏମିତି ବି କିଛି ଭୋଗ ରହିଛି ଯାହା ମାତା ଲକ୍ଷ୍ମୀଙ୍କର ଖୁବ୍ ପ୍ରିୟ ହୋଇଥାଏ। ଯେମିତିକି: ନଡ଼ିଆ ; ଯାହାକୁ ଶ୍ରୀଫଳ ବୋଲି ବି କୁହାଯାଇଥାଏ। ଏହି ଫଳ ଅତ୍ୟନ୍ତ ପବିତ୍ର । ଏଥିରେ ରହିଥିବା ପାଣି ସବୁଠାରୁ ଶୁଦ୍ଧ ହୋଇଥିବାରୁ ମା'ଙ୍କର ଏହା ପ୍ରିୟ ହୋଇଥାଏ। ସେଥିପାଇଁ ମା' ଲକ୍ଷ୍ମୀଙ୍କୁ ନେଇ ଯେତେ ବି ପୂଜା ରହିଛି, ସବୁଥିରେ ନଡ଼ିଆ ଭୋଗ ନିହାତି ରହିଥାଏ। ସେହିପରି କେଶର ପକାଯାଇଥିବା ହଳଦିଆ ରଙ୍ଗର ଭାତ ହେଉ ବା ଖେଚୁଡ଼ି, ହଳଦିଆ ରଙ୍ଗର ମିଷ୍ଟାନ୍ନ, ଖିରି, ଆଖୁ, ଡାଳିମ୍ବ ଆଦି ବି ମାତା ଲକ୍ଷ୍ମୀଙ୍କର ଅତ୍ୟନ୍ତ ପ୍ରିୟ ହୋଇଥାଏ ବୋଲି ଅନେକଙ୍କର ବିଶ୍ୱାସ ରହିଛି। ଅନ୍ୟପକ୍ଷେ କେହି କେହି ମା'ଙ୍କ ନିକଟରେ ଶୁଦ୍ଧ ଗୁଆଘିଅରେ ପ୍ରସ୍ତୁତ ହାଲୁଆ ବି ଭୋଗ ଲଗାଇଥାନ୍ତି। ଖାସ୍‌କରି ଦୀପାବଳି ସମୟରେ କେତେକ ସ୍ଥାନରେ ମାତା ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ତାଙ୍କ ନିକଟରେ ଆଖୁ ଭୋଗ କରାଯାଉଥିବାର ଦେଖିବାକୁ ମିଳିଥାଏ। ଏପରିକି ଆଉ କିଛି ସ୍ଥାନରେ ପାଣି ସିଙ୍ଗଡ଼ା ଓ ମଖାନା ସହ ମିଠାପାନ ମା'ଙ୍କ ନିକଟରେ ଭୋଗ ଲଗାଯାଉଥିବାର ବିଧି ରହିଛି।



## ପାଠକୀୟ

✲ ସଉକ ମଣିଷକୁ କେବଳ ଖୁସି ଦିଏ ନାହିଁ, ଏହା ମଣିଷର ପରିଚୟ ତିଆରିକରେ। ଏଠାରେ ଏମିତି କେତେଜଣ ବ୍ୟକ୍ତିଙ୍କ ସମ୍ପର୍କରେ ଉଲ୍ଲେଖ କରୁଛୁ ଯାହାଙ୍କ ସଉକ ହେଉଛି ଗାଡ଼ି। ଏମାନେ କେବଳ ଗାଡ଼ିକୁ ଭଲ ପାଆନ୍ତିନାହିଁ ନୂଆ ପୁରୁଣା ଅନେକ ଗାଡ଼ିକୁ ଯତ୍ନର ସହ ସାଇତି ରଖିବାରେ ହିଁ ପାଇଥାନ୍ତି ଆନନ୍ଦ। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସଉକ ଦେଇଛି ପରିଚୟ' ବେଶ୍ ମନଛୁଆଁ ହୋଇପାରିଥିଲା। 'ସୁଖ, ସମୃଦ୍ଧି ପାଇଁ' ଓ 'ବ୍ରେନ୍ ବୁଷ୍ଟର୍ସ' ଆଦି ପାଠରୁ ଅନେକ ନୂଆ କଥା ଜାଣିହେଲା। ***–ରୋଜାଲିନ୍ ନିଶଙ୍କ, ଯାଜପୁର ଟାଉନ***

✲ ସଂଗ୍ରହାଳୟ କେବଳ ଜ୍ଞାନର ଗନ୍ତାଘର କି ବିଭିନ୍ନ ବିରଳ ସାମଗ୍ରୀର ସାଇତା ସମ୍ପଦ ନୁହେଁ, ବରଂ ଏହାଦ୍ୱାରା ବହୁ ଜଣାଅଜଣା କଥା ଜାଣିହୁଏ। ଗବେଷଣା ପାଇଁ ସୂତ୍ର ମିଳେ। ତେବେ ବିଭିନ୍ନ ପ୍ରକାର ଗାଡ଼ିକୁ ନେଇ ସାଇତି ରଖିବାରେ ରୁଚି ରଖୁଥିବା କେତେଜଣ ବ୍ୟକ୍ତିଙ୍କ ସମ୍ପର୍କରେ ଏଥରର ପ୍ରଚ୍ଛଦ ପ୍ରସଙ୍ଗରୁ ପଢ଼ି ବହୁତ ଖୁସି ଲାଗିଲା। 'ଫୁଲରୁ ସୌନ୍ଦର୍ଯ୍ୟ' ପାଠଟି ବି ଏକ ନିଆରା ଆଲେଖ୍ୟ ଥିଲା।

***–ମନୋଜ ପରମାଣିକ, କାକଟପୁର, ପୁରୀ***

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ଇଂ ଅଜୟ ମହାପାତ୍ରଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାଟି ବି ବେଶ୍ ଆକର୍ଷଣୀୟ ଲାଗୁଥିଲା। ଖାସ୍ କରି ଏଥିରେ ସ୍ଥାନିତ 'ନୀଳ ପରୀ' ନାମକ ଗପଟି ମନଛୁଆଁ ହୋଇଥିଲା। 'ଆଇନା' କବିତାଟି ବି ବହୁତ ଭଲ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ ନୋରା ଫତେହିଙ୍କ ଫଟୋଟି ବୋଲ୍ଡ ଲାଗୁଥିଲା।

***–ଆତ୍ମାସ୍ୱରୂପ ଭରଦ୍ୱାଜ, ଉତ୍ତରା, ଭୁବନେଶ୍ୱର***

✲ ଚିତ୍ରଶିଳ୍ପୀ, ଲେଖିକା ତଥା ଶିକ୍ଷାବିତ୍ ସୁସ୍ମିତା ମହାପାତ୍ରଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଲେଖାଟି ଯେତିକି ଶିକ୍ଷଣୀୟ ଥିଲା ସେତିକି ମନଛୁଆଁ ବି ଲାଗୁଥିଲା। ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ରୋମାଣ୍ଟିକ୍ ଭରା ଥିଲା। ଏଥରର ସେଲିବ୍ରିଟି ସିକ୍ରେଟ୍‌ରୁ ଓଲିଉଡ୍‌ର ହ୍ୟାଣ୍ଡସମ୍ ହିରୋ ଦୀପକଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ ମିରର୍‌ରେ ଅନ୍ୱେଷା ବେଶ୍ ସୁନ୍ଦରୀ ଲାଗୁଥିଲେ।

***– ମୌସୁମୀ ବେହେରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା***

✲ ଷ୍ଟାଚ୍ୟୁ ଅଫ୍ ୟୁନିଟି ଏକ ତଥ୍ୟପୂର୍ଣ୍ଣ ବିଷୟ ଥିଲା। ବନାରସୀ ଶାଢ଼ି ସମ୍ପର୍କରେ ଅନେକ ଅଜଣା କଥା ବିବିଧା ପୃଷ୍ଠାରୁ ଜାଣିହେଲା। ତା'ସହ 'ଓଲଟା ପରଷା ଯାଏ କଫି', 'ବ୍ରେଡ୍ ଲ୍ୟାମ୍ପ', 'ଉଡ଼ାଜାହାଜର କବରସ୍ଥଳ' ତଥା 'ନିଆରା ସମ୍ପର୍କ' ଆଦି ପାଠର ଉପସ୍ଥାପନା ଶୈଳୀ ଯେତିକି ମନୋରମ ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା।

***– ବାବାମଣି ଆଚାର୍ଯ୍ୟ, ବୁର୍ଲା, ସମ୍ବଲପୁର***


## ବିଶେଷ ଚିଠି



ପ୍ରଚ୍ଛଦ ତୁମର ଭାରି ବଢ଼ିଆ
ମନରେ ଭରିଦିଏ କେତେ କିମିଆ,
ନୂଆ ନୂଆ କଥା ଶିଖାଇଯାଏ
କେତେ କଥା ସିଏ କାନେ କହିଯାଏ।
ସତରେ ଛୁଟିଦିନ ତୁମ କଳନା ନାହିଁ
ଯେତେ ଦେଖୁଥିଲେ ତୁମେ ନୂଆ ଦିଶୁଥାଇ,
ସେଥିପାଇଁ ତୁମକୁ ମୁଁ ବହୁତ ଭଲପାଏ
ପ୍ରତି ରବିବାରକୁ ଅପେକ୍ଷା କରି ରହିଥାଏ।

***–ଦିବାକର ମହାନ୍ତି,***
***କୋଏଲନଗର, ରାଉରକେଲା***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com







# ମଞ୍ଚ ମାୟା




କାହିଁ କେଉଁ କାଳରୁ ଲୋକକଳାର ସୃଷ୍ଟି। ମୁକ୍ତାକାଶର ଖୋଲାମଞ୍ଚ ହେଉ କିମ୍ବା ସୌଖୀନ ରଙ୍ଗମଞ୍ଚ। ନାଟ୍ୟକଳା ପରିବେଷଣରେ କିଛି ଫରକ ପଡ଼େନା ଅଭିନୟ କରୁଥିବା କଳାକାରଙ୍କୁ। କ୍ଷୁଦ୍ର ନାଟକ ହେଉ କି ବୃହତ୍ କିମ୍ବା ପଥପ୍ରାନ୍ତ, ମଞ୍ଚମାୟାରେ ପଡ଼ିଯାଆନ୍ତି ନାଟ୍ୟପ୍ରେମୀ । ଏଥିପାଇଁ ସାରା ବିଶ୍ୱରେ ମଞ୍ଚ ନାଟକର ସ୍ୱତନ୍ତ୍ର ପରିଚୟ ରହିଛି। ବିଭିନ୍ନ ରଙ୍ଗମଞ୍ଚକୁ ଭିତ୍ତିକରି ବହୁ ନାଟ୍ୟକାର ନାଟକ ଲେଖିଥାନ୍ତି। ପୌରାଣିକ, ଐତିହାସିକ, ସାମାଜିକ ଚଳଣିର ରୀତିନୀତି ଓ ଭକ୍ତିରସର ପ୍ରାବଲ୍ୟରେ ଭରପୁର ନାଟକମଞ୍ଚସ୍ଥରେ ନାଟ୍ୟମଞ୍ଚ ହୋଇଉଠେ ରଙ୍ଗାୟିତ। ତେବେ ଉତ୍କଳୀୟ ପରମ୍ପରାକୁ ନେଇ ଗଢ଼ି ଉଠିଥିବା କେତୋଟି ପେସାଦାର ରଙ୍ଗମଞ୍ଚ ମଧ୍ୟରୁ ଆଜିକାଲି କେତୋଟି ଅଚଳ ହୋଇଯାଇଥିବା ବେଳେ କେତୋଟିରେ ନାଟକ ଏବେବି ମଞ୍ଚସ୍ଥ ହେଉଛି। ତେବେ ଆଜିବି ଓଡ଼ିଶାର ରଙ୍ଗମଞ୍ଚକୁ ବଞ୍ଚାଇ ରଖିଥିବା କେତୋଟି ନାଟ୍ୟାନୁଷ୍ଠାନ ଓ ନାଟ୍ୟ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ....।

ଉତ୍କଳଭୂମିରେ ନାଟ୍ୟାଭିନୟ ଓ ମଞ୍ଚକଳା ବହୁ ପ୍ରାଚୀନ। ମାତ୍ର ଅନେକ ଓଡ଼ିଆ ଦର୍ଶକ ଚାହାନ୍ତି ଗୋଟିଏ ଆଦର୍ଶ ମୂଲ୍ୟବୋଧ ଓ ସମ୍ବେଦନଶୀଳ କାହାଣୀ। ଦିନଥିଲା ଗାଁଗାଁରେ ମଞ୍ଚନାଟକ ଦେଖିବାକୁ ମିଳୁଥିଲା । ସଞ୍ଜ ନଇଁ ଆସୁଥିବ, ନାଟ୍ୟମଞ୍ଚର ଖୁଣ୍ଟରେ ବନ୍ଧା ଯାଇଥିବା ଦୁହୁଡ଼ି ନିଆଁ ହେଉ କିମ୍ବା ପେଟ୍ରୋମାକ୍ସର ଆଲୁଅ ରାତିର ଅନ୍ଧାରକୁ ଭେଦି ଦିକ୍‌ଦିକ୍ ଜଳୁଥିବ। ଏମିତି ବେଳରେ ନାଟ୍ୟମଞ୍ଚ ନିକଟରେ ଲୋକଙ୍କ ଭିଡ଼ଜମୁଥିବ। ମାତ୍ର ସମୟକ୍ରମେ ଅନେକ ପରିବର୍ତ୍ତନ ଘଟିଛି। ପେଟ୍ରୋମାକ୍ସର ପରିବର୍ତ୍ତେ ମଞ୍ଚରେ ଡିଜିଟାଲ ବିଦ୍ୟୁତ୍ ଆଲୁଅର ସାଜସଜ୍ଜା ଦେଖିବାକୁ ମିଳୁଛି, କିନ୍ତୁ ମଞ୍ଚ ନାଟକ ଲୋକପ୍ରିୟତା ଭିତରେ ଆସିଛି ଆକାଶ ପାତାଳ ଫରକ। ତଥାପି କେତେକ ନାଟ୍ୟାନୁଷ୍ଠାନ ମଞ୍ଚ ନାଟକକୁ ବଞ୍ଚେଇ ରଖିବାର ଉଦ୍ୟମ ଜାରି ରଖିଛନ୍ତି।

**ନାଟ୍ୟ ଚେତନା:** ୧୯୮୪ ମସିହା କଥା। ସେତେବେଳେ ଉତ୍କଳ ସଂଗୀତ ମହାବିଦ୍ୟାଳୟ ନାଟକ ବିଭାଗର କେତେଜଣ ଛାତ୍ର ଭୁବନେଶ୍ୱରସ୍ଥିତ ରଘୁନାଥ ନଗର (ଡୁମୁଡୁମା) ବସ୍ତିରେ ଏନ୍‌ଏସ୍‌ଏସ୍ ଶିବିରର ଏକ କାର୍ଯ୍ୟକ୍ରମ ଚାଲିଥାଏ। ଏହି ଶିବିରରେ ଯୋଗ ଦେଇଥିବା ସଦସ୍ୟମାନଙ୍କୁ ନେଇ ଗୋଟିଏ ଛୋଟ ନାଟକଟିଏ ମଞ୍ଚସ୍ଥ ହୋଇଥିଲା। ଯାହା ଏଠାକାର ଦର୍ଶକଙ୍କ ଉପରେ ଖୁବ୍ ପ୍ରଭାବ ପକାଇଥିଲା। ଏହି ନାଟକଟିକୁ ରଚନା କରିଥିଲେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ତଥା ନାଟ୍ୟ ଚେତନାର ପ୍ରତିଷ୍ଠାତା ସୁବୋଧ ପଟ୍ଟନାୟକ। ସେ କୁହନ୍ତି, ଏହି ଅନୁଭୂତି ପରେ ଏକ ନୂଆ ନାଟକର ଧାରା ତିଆରି କରିବାର ଇଚ୍ଛା ମନରେ ଉଦ୍ରେକ ହୋଇଥିଲା। ଯେଉଁଥିରେ କଳାତ୍ମକ ଦିଗ ଥିବ, ମନୋରଞ୍ଜନ ଥିବ ; କିନ୍ତୁ ନାଟକ ଶେଷରେ ଦର୍ଶକ ଏହାର ବିଷୟ ନେଇ ଆଲୋଚନା କରିବେ। ଅର୍ଥାତ୍ ନାଟ୍ୟ କର୍ମ ମାଧ୍ୟମରେ ସମାଜର ସମସ୍ୟା ବାବଦରେ ଚେତନାପାଇଁ ଦର୍ଶକେ ଚିନ୍ତା କରିପାରୁଥିବେ। ଏମିତି ଉଦ୍ଦେଶ୍ୟରେ ୧୯୮୫ ମସିହାରେ ଜନ୍ମନେଲା ଏକ ନାଟ୍ୟ ସଂଗଠନ 'ନାଟ୍ୟ ଚେତନା'। ଯାହା ୧୦ ନଭେମ୍ବର ୧୯୮୬ ମସିହାରେ ପଞ୍ଜୀକରଣ ହୋଇଥିଲା। ସେବେଠାରୁ ପ୍ରତିବର୍ଷ ନଭେମ୍ବର ୧୦କୁ ନାଟ୍ୟ ଚେତନାର ପ୍ରତିଷ୍ଠା ଦିବସ ଭାବରେ ପାଳନ କରାଯାଉଛି। ଖୋର୍ଦ୍ଧା ଜିଲା ସଦର ମହକୁମାଠାରୁ ପ୍ରାୟ ୩କିମି ଦୂର ଖୋର୍ଦ୍ଧା-ବାଜପୁର ଯିବାରାସ୍ତାରେ ଗଲେ ପଡିବ ଶିଆଳିଆ ଗ୍ରାମ ; ଯେଉଁଠି ରହିଛି ନାଟ୍ୟଗ୍ରାମ। ଏହି ଅନୁଷ୍ଠାନଟି ୧୯୯୧-୯୨ ମସିହାରେ ପ୍ରାୟ ୬ ଏକର ଜାଗାରେ ପ୍ରତିଷ୍ଠା ହୋଇଛି। ଏଠାକୁ ଆସୁଥିବା ଅତିଥି କଳାକାରମାନେ ନାଟ୍ୟଶାଳାରେ ନଟଦେବତାଙ୍କୁ ପ୍ରାର୍ଥନା କରିଥାନ୍ତି। ପରେ ପଞ୍ଚରସ ପ୍ରଦାନ କରାଯାଇଥାଏ। ଏଠାରେ ନାଟକର ପାଣ୍ଡୁଲିପି ଲେଖାଠାରୁ ନିର୍ଦ୍ଦେଶନା, ଅଭିନୟ, ମଞ୍ଚ ପରିଚାଳନା, ନାଟକ ଦେଖିବା ସହିତ ଗବେଷଣାର ଖୋରାକ ମିଳିଥାଏ। ତେବେ ନାଟ୍ୟଗ୍ରାମରେ ଗ୍ରାମୀଣ ଲୋକଙ୍କ କଥା, ଭାଷା, ନାଚ, ଗୀତ ଓ ବାଜା ବଜାଇ କଳାପରିବେଷଣ କରାଯାଇଥାଏ। ଏଠାରେ ଥିବା ନାଟ୍ୟଜ୍ଞାନ କକ୍ଷରେ ବିଭିନ୍ନ ପ୍ରକାରର ଲୋକବାଦ୍ୟକୁ ସଂଗ୍ରହ କରି ରଖାଯାଇଛି। ନାଟ୍ୟଲିପି କକ୍ଷରେ ବିଭିନ୍ନ ନାଟକ ବହିର ରଚନାଶୈଳୀ ରହିଛି। ଏହି ଅନୁଷ୍ଠାନ ଦ୍ୱାରା ଦେଶ ବ୍ୟତୀତ ବିଦେଶରେ ବିଭିନ୍ନ ଓଡ଼ିଆ ମଞ୍ଚ ନାଟକ (ଥିଏଟର) ପ୍ରଦର୍ଶନ କରିବାରେ ଗୌରବ ମଧ୍ୟ ନାଟ୍ୟ ଚେତନା ଲାଭ କରିଛି। ଏମିତିରେ ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟର ଆଇସିସି ଦ୍ୱାରା ୨୦୦୭ରେ ସ୍ୱୀକୃତି ପାଇବା ଆଗରୁ ନାଟ୍ୟ ଚେତନା ଏକାଧିକଥର ବିଦେଶରେ ନାଟକ ପ୍ରଦର୍ଶନ କରିସାରିଛି। ଆଜିଯାଏ ଅନ୍ତର୍ଜାତୀୟ ନାଟକ ସଂଘର ସଦସ୍ୟ ରହିଛି। ଏସିଆ ଆଞ୍ଚଳିକ ଥିଏଟର ଓ ଶିକ୍ଷା ନେଟ୍‌ୱାର୍କର ପ୍ରତିଷ୍ଠାତା। ଏଠାରେ ପ୍ରତିବର୍ଷ ପ୍ରାୟ ଫେବୃଆରୀ ପ୍ରଥମ ସପ୍ତାହରୁ ୭ଦିନଧରି ନାଟ୍ୟମେଳା ଅନୁଷ୍ଠିତ ହୋଇଥାଏ। ନାଟ୍ୟଗ୍ରାମକୁ ଆସୁଥିବା ଅତିଥିମାନଙ୍କ ପାଇଁ ସୁବ୍ୟବସ୍ଥା ହୋଇଥାଏ।



→



**ଗଞ୍ଜାମ କଳା ପରିଷଦ:** ଦକ୍ଷିଣ ଓଡ଼ିଶାର କଳାକ୍ଷେତ୍ର ବ୍ରହ୍ମପୁର ରଙ୍ଗଭୂମିର ସର୍ବପ୍ରାଚୀନ କଳାମନ୍ଦିର କୁହାଯାଉଥିବା ଗଞ୍ଜାମ କଳାପରିଷଦ ଦୀର୍ଘ ୬୦ ବର୍ଷରୁ ଅଧିକ ସମୟଧରି ନୃତ୍ୟ, ସଙ୍ଗୀତ, ନାଟକ ତଥା ଚିତ୍ରକଳା କ୍ଷେତ୍ରରେ ଅଧାବଧି ସାଧନା ଜାରି ରଖିଛି। ଗଞ୍ଜାମ କଳା ପରିଷଦର ସଂପାଦକ, ଅଭିନେତା ତଥା ନାଟ୍ୟନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ କୁହନ୍ତି, ଗଞ୍ଜାମ କଳାପରିଷଦରେ କବିସୂର୍ଯ୍ୟ ରଙ୍ଗମଞ୍ଚ ନାମରେ ଏକ ନିଜସ୍ୱ ପ୍ରେକ୍ଷାଳୟ ଓ କୋଠାଘର ରହିଛି। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଅନୁଦାନ ମଧ୍ୟ ମିଳିଥାଏ। ଏହି ଅନୁଷ୍ଠାନଟି ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁଶାସିତ ହୋଇ ଏଠାରେ ଏକ ନିଜସ୍ୱ ସଙ୍ଗୀତ ଓ ଚିତ୍ରକଳା ବିଦ୍ୟାଳୟ ଗଢ଼ିଛି। ପ୍ରତିବର୍ଷ ପ୍ରାୟ ୫୦/୬୦ଜଣ ଛାତ୍ରୀଛାତ୍ର ଶିକ୍ଷାଲାଭ କରନ୍ତି। ବିଭିନ୍ନ ସମୟରେ ଏହି ଅନୁଷ୍ଠାନର ସଦସ୍ୟମାନେ ଗ୍ରୀଷ୍ମ, ବର୍ଷା, ଶୀତ, ବସନ୍ତ ଆଦିକୁ ନେଇ ନାଟକ ମଞ୍ଚସ୍ଥ କରିଥା'ନ୍ତି। ପ୍ରତିବର୍ଷ ସ୍ଥାନୀୟ ଅଞ୍ଚଳରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏହି ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଭାଗ ନେଇଥା'ନ୍ତି। ଏମିତିରେ ଗୋପାଳପୁର ମହୋତ୍ସବରେ ବିଭିନ୍ନ ନୃତ୍ୟାଭିନୟ କରିଥା'ନ୍ତି। ଗଞ୍ଜାମ କଳା ପରିଷଦର ନାଟକ କ୍ଷେତ୍ରରେ ରାଜ୍ୟ ଓ ଜାତୀୟସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ୧୯୬୦ ମସିହାରେ ଗଞ୍ଜାମ କଳା ପରିଷଦର ପ୍ରଥମ ନାଟକ 'ପରିଶୋଧ' ମଞ୍ଚସ୍ଥ ହୋଇଥିଲା। ପରେ ପଲାଶ, ମହାବଳ, ନିମଓମାତ୍ର, ଧୂସର ବନାନୀ, ଶେଷ ପାହାଚ ଆଦି ନାଟକ ମଞ୍ଚସ୍ଥ ହୋଇଛି। ଗୁରୁ ଦୋଳଗୋବିନ୍ଦ ରଥ, ରଞ୍ଜନ ପତି ନିର୍ଦ୍ଦେଶକ ଭାବେ ଯୋଗଦେଇଛନ୍ତି। ଏମିତିରେ ପ୍ରାୟ ୩୦୦ରୁ ଅଧିକ ନାଟକ ମଞ୍ଚସ୍ଥ ହୋଇ ସାରିଲାଣି। ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ, ସ୍ୱର୍ଗତ ବସନ୍ତ ପାଣିଗ୍ରାହୀ, ବାଳକୃଷ୍ଣ ଦାସ, ଶ୍ରୀକାନ୍ତ ଦାସ, ଶୋଭନ ଦାସ, ସୁରେନ୍ଦ୍ର ପ୍ରସାଦ ଦାସ, ନୃସିଂହନନ୍ଦ ମହାପାତ୍ର, ରାଜକିଶୋର ପାଢ଼ୀ ପ୍ରମୁଖ ନାଟକ ପରିଚାଳନା କରିଛନ୍ତି।

**ଉତ୍ତରାୟଣୀ କ୍ଲବ:** ଉତ୍ତରାୟଣୀ କ୍ଲବ, ଜଟଣୀ, ଖୋର୍ଦ୍ଧାର ଏକ ସର୍ବପୁରାତନ ନାଟ୍ୟ ଅନୁଷ୍ଠାନ, ଯାହାର ୯୩ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏହି ଅନୁଷ୍ଠାନ ସମ୍ପର୍କରେ ଅଭିନେତା, ନାଟ୍ୟ ନିର୍ଦ୍ଦେଶକ, ଅନୁଷ୍ଠାନର ସଂପାଦକ ବିପ୍ଳବ କେଶରୀ ଶତପଥୀ କୁହନ୍ତି– ୧୯୨୧ ମସିହା କଥା। ସେତେବେଳେ ଜଟଣୀ ଅଞ୍ଚଳର ଗୋବର୍ଦ୍ଧନ ଶତପଥୀ ନାମକ ଜଣେ ଯୁବକ କଲିକତା ଯାଇଥିଲେ। ସେଠାରେ ରାମ–ରାବଣ ବିଷୟକୁ ନେଇ କେତେଜଣ କଳାକାର ଗୋଟିଏ ମଞ୍ଚରେ ଅଭିନୟ କରୁଥିବାର ସେ ଦେଖିଥିଲେ । ଏହାକୁ ଥିଏଟର କୁହନ୍ତି ବୋଲି ସେମାନଙ୍କଠାରୁ ଶୁଣିଥିଲେ। ଏହାପରେ ସେ ଜଟଣୀକୁ ଫେରିଲାପରେ ଏଠାରେ କିପରି ଏମିତି ଏକ ଥିଏଟର କରିପାରିବେ, ସେଥିପାଇଁ ଚିନ୍ତା କରିଥିଲେ। ତା'ପରେ ଜଟଣୀ ଅଞ୍ଚଳର ଏକ କୋରୁଆଁ ବଣରେ କେତେଜଣ ଯୁବକ ଏକାଠି ହୋଇ ଏକ ଡ୍ରାମାମଞ୍ଚସ୍ଥ ନିମନ୍ତେ ଯୋଜନା କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ସ୍ୱର୍ଗତ ବୈରାଗୀ ଶତପଥୀ, ବନମାଳୀ ଶତପଥୀ, ଗଦାଧର ଶତପଥୀ, ମାଧବ ମହାରଣା, ବାଳକୃଷ୍ଣ ଜେନାଙ୍କ ସମେତ ସ୍ଥାନୀୟ ଗାଁର ଆଉ କେତେଜଣ କଳାପ୍ରେମୀ ଉତ୍ସାହୀ ଯୁବକ। ସେମାନେ ପ୍ରଥମେ ବଡ଼ନୂଆଗାଁ ଡ୍ରାମାଟିକ୍ ଆସୋସିଏଶନ ନାମରେ ଏକ ଅନୁଷ୍ଠାନ ଗଢ଼ିଥିଲେ। ସେତେବେଳେ ସଞ୍ଜବେଳେ କୋରୁଆଁବଣରେ କଞ୍ଚାବାଉଁଶ ବାଡ଼ିରେ କନାଗୁଡ଼ାଇ ଡିଜେଲ ବ୍ୟବହାରକରି ମଶାଲ ଆଲୁଅରେ ପ୍ରଥମେ ଛିନ୍ନମସ୍ତା ନାଟକ ମଞ୍ଚସ୍ଥ କରିଥିଲେ। ତା'ପରେ ଏହି ବଡ଼ନୂଆଗାଁ ଡ୍ରାମାଟ୍ରକ୍ ଆସୋସିଏଶନ ସ୍ଥାନୀୟ ଅଞ୍ଚଳରେ ଅଧିକ ଜନାଦୃତ ହେବା ଉଦ୍ଦେଶ୍ୟରେ ଏହାକୁ ଉତ୍ତରାୟଣୀ ଡ୍ରାମା କ୍ଲବ ରୂପେ ୧୯୨୯ ମସିହାରେ ପରିଚିତ କରାଗଲା। ଏହି ଅନୁଷ୍ଠାନରେ ଅଭିମନ୍ୟୁ ତ୍ରିପାଠୀ, ଶୌରୀ ଚରଣ ଜେନା, ବଳେଇଚାନ୍ଦ ବାନାର୍ଜୀ ପ୍ରମୁଖ ଯୋଗଦେଇଥିଲେ । ସମୟକ୍ରମେ ପ୍ରତିବର୍ଷ ଏହି ଅନୁଷ୍ଠାନ ପକ୍ଷରୁ ପଞ୍ଝୁଲାଇଟ୍, ପରେ ପେଟ୍ରୋମାକ୍ସ ଆଲୁଅରେ ବିଭିନ୍ନ ନାଟକ ମଞ୍ଚସ୍ଥ ହେଉଥିଲା। ତେବେ ୧୯୪୫ ମସିହାରେ ଜଟଣୀର ବିଶ୍ୱନାଥ ରାଇସ ମିଲର ମାଲିକ ବୈରାଗୀ ବାବୁ (ଭାଲୁବାବୁ)ଙ୍କ ସହଯୋଗରେ ସେତେବେଳ ତାଙ୍କର ରାଇସ୍‌ମିଲ ପାଇଁ ଆସିଥିବା ଏକ ଜେନେରେଟରରୁ ଏଠାରେ ପ୍ରଥମେ (ଡୁମ) ବିଦ୍ୟୁତ୍ ବଲ୍‌ବ ଜଳାଇ ନାଟକ ମଞ୍ଚସ୍ଥ



ହୋଇଥିଲା। ମାଷ୍ଟର ରାମଚନ୍ଦ୍ର ମାଣିଆ, ବ୍ୟୋମକେଶ ତ୍ରିପାଠୀ, ଗୋବିନ୍ଦ ତ୍ରିପାଠୀଙ୍କ ସମେତ ଅନେକ କଳାପ୍ରେମୀ ଯୁବକ ଏହି ଅନୁଷ୍ଠାନରେ ଯୋଗଦେଇଥିଲେ। କିନ୍ତୁ ପ୍ରତିବର୍ଷ ଦଶହରା ଉପଲକ୍ଷେ ଏହି ଅନୁଷ୍ଠାନ ତରଫରୁ ବାର୍ଷିକ ଉତ୍ସବ ପାଳନ ହୋଇଥାଏ। ଏଥିରେ ଯୋଗ ଦେଉଥିବା କଳାକାରମାନେ ନାଟ୍ୟଶାଳାରେ ନାଟକ ଅଭ୍ୟାସବେଳେ ମା' ଉତ୍ତରାୟଣୀଙ୍କ ପର୍ବ ମନେକରି ନିଷ୍ଠାର ସହିତ ଅନୁଷ୍ଠାନର ନୀତିନିୟମକୁ ପାଳନ କରିଥା'ନ୍ତି। ପ୍ରତ୍ୟେକ ଦିନ ନାଟ୍ୟାଭ୍ୟାସ ପରେ ସମସ୍ତ କଳାକାର ମା' ଉତ୍ତରାୟଣୀଙ୍କ ପ୍ରସାଦ ସେବନ କରି ଘରକୁ ଫେରିଥା'ନ୍ତି। ଏଯାଏ ଶତାଧିକ ନାଟକ ମଞ୍ଚସ୍ଥ ହୋଇ ସାରିଲାଣି। ଏଥିରେ ପ୍ରାୟ ୨୦୦ ସଦସ୍ୟ ଅଛନ୍ତି।



ଧୀର ମଲ୍ଲିକ



ଡ. ସମର ମୁଦାଲି



ସୁବୋଧ ପଟ୍ଟନାୟକ



ସୁବୋଧ ପଟ୍ଟନାୟକ



ବିପ୍ଳବ କେଶରୀ ଶତପଥୀ

**ଶତାବ୍ଦୀର କଳାକାର:** ଓଡ଼ିଆ ମଞ୍ଚନାଟକ ଜଗତରେ ଏକ ପରିଚତ ନାଁ ଧୀର ମଲ୍ଲିକ। ନାଟକ ରଚନା, ନିର୍ଦ୍ଦେଶନା, ଅଭିନୟରେ ତାଙ୍କର ରହିଛି ଦକ୍ଷତା। ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସେ ପୂର୍ବତନ ସଚିବ। ସେ କୁହନ୍ତି, ୧୯୭୫ ମସିହା ବେଳକୁ ଯେତେବେଳେ ସାଧାରଣ ରଙ୍ଗମଞ୍ଚଗୁଡ଼ିକ ମଉଳି ଯାଉଥିଲା, ଠିକ୍ ଏହି ସମୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ନାଟକ ବିଭାଗରେ ମୁଁ ଏବଂ ଆଉ କେତେଜଣ ନାଟ୍ୟପ୍ରେମୀ ଯୁବକ ନାମ ଲେଖାଇଥିଲୁ। କିନ୍ତୁ ପରେ ନିଜକୁ ଓ ନିଜର କଳାକୁ କିପରି ପ୍ରକାଶ କରିପାରିବୁ, ଏଥିପାଇଁ ଚିନ୍ତାକରି ଏକ ନାଟ୍ୟାନୁଷ୍ଠାନ ଗଠନ କରିଥିଲୁ, ଯାହାର ନାଁ ହେଲା 'ଶତାବ୍ଦୀର କଳାକାର'। ୧୮ ଏପ୍ରିଲ ୧୯୭୬ ମସିହାରେ ଏଥିରେ ରମାକାନ୍ତ ବାନାର୍ଜୀ, ରତିରଞ୍ଜନ ମିଶ୍ର, ମନୋଜ ପଟ୍ଟନାୟକ, ପ୍ରଦୀପ ସାମଲ, ନୃସିଂହ ସ୍ୱାଇଁ, ମନିଦୀପା ମଲ୍ଲିକ, ଗୋକୁଳାନନ୍ଦ ସାହୁ ପ୍ରମୁଖ ମିଶି ଏହି ଅନୁଷ୍ଠାନକୁ ଗଠନ କରିଥିଲୁ। ୧୯୭୬ ମସିହା ଜୁନ୍ ମାସରେ ରବୀନ୍ଦ୍ର ମଣ୍ଡପରେ ଶତାବ୍ଦୀର କଳାକାରର କଳାକାରଙ୍କ ଦ୍ୱାରା ଉମାକାନ୍ତ ବାନାର୍ଜୀଙ୍କ ନାଟକ 'ନିସ୍ତରଙ୍ଗ' ପ୍ରଥମେ ନାଟକ ଭାବେ ଏଠାରେ ମଞ୍ଚସ୍ଥ ହୋଇଥିଲା। ସମୟକ୍ରମେ ବିଭିନ୍ନ ବିଭାଗ ସହଯୋଗରେ କେତୋଟି ନାଟକ ମଞ୍ଚସ୍ଥ ହେଲା। ଏମିତିରେ ରିଜର୍ଭ ବ୍ୟାଙ୍କର କଳାକାରମାନେ ମଧ୍ୟ ଆମ ସହିତ ସାମିଲ ହେଲେ। ଏବେ ଏହି ଅନୁଷ୍ଠାନର ନିଜସ୍ୱ ଉଦ୍ୟମରେ ଚିଲ୍‌ଡ୍ରେନ ଥିଏଟର ଫେଷ୍ଟିଭାଲ ଓ ୱାର୍କଶପ୍ ଏବଂ କଳିଙ୍ଗ ନାଟ୍ୟ ମହୋତ୍ସବ ୨୪ତମ ମହୋତ୍ସବ ଶେଷ ହୋଇଛି। ବର୍ଷକୁ ପ୍ରାୟ ୩ରୁ୪ଟି ନାଟକ ମଞ୍ଚସ୍ଥ ହୋଇଥାଏ। ଅନୁଷ୍ଠାନର ପ୍ରାୟ ୧୧୧ଜଣ ସଦସ୍ୟ ଅଛନ୍ତି। ଶତାବ୍ଦୀର କଳାକାର ତରଫରୁ ଦେଶର ବିଭିନ୍ନ ସହରରେ ନାଟକ ମଞ୍ଚସ୍ଥ ହୋଇସାରିଛି। ଏହି ଅନୁଷ୍ଠାନଟି ପ୍ରଥମେ ଚାଳଛପର ଘରେ ଚାଲୁଥିଲା। ଏବେ କୋଠାଘର ହୋଇଛି। ଏହାର ପରିସରରେ ନାଟ୍ୟମଞ୍ଚ, ଗ୍ରୀନ୍‌ରୁମ, ପାଠାଗାର, ଅଡିଟୋରିୟମ, ଅତିଥି କକ୍ଷ ଓ ଶ୍ରେଣୀକକ୍ଷ ରହିଛି। ଏଯାଏ ଶତାଧିକ ନାଟକ ମଞ୍ଚସ୍ଥ ହୋଇ ସାରିଲାଣି, ଯାହା ନାଟକୀୟ ଉପାଦାନ ଓ ଭାଷା ନାଟକ ଚୟନରେ ବିଶେଷ ଭୂମିକା ନେଇଥାଏ।

**ସ୍ପନ୍ଦନ:** ସେଦିନ ଥିଲା ୧୯୮୨ ମସିହା ଡିସେମ୍ବର ୨୭ ତାରିଖ। ସୁନ୍ଦରଗଡ଼ ଜିଲାର ଇସ୍ପାତ ନଗରୀ ରାଉରକେଲାଠାରେ ପ୍ରତିଷ୍ଠା ହୋଇଥିଲା କଳା, ସାହିତ୍ୟ ଓ ସଂସ୍କୃତିର ଭିନ୍ନ ଏକ ଅନୁଷ୍ଠାନ 'ସ୍ପନ୍ଦନ'। ଏହି ଅନୁଷ୍ଠାନର ସାଧାରଣ ସଂପାଦକ ପ୍ରଫେସର ଡ. ସମର ମୁଦାଲି କୁହନ୍ତି, କଳାସଂସ୍କୃତି ଓ ପ୍ରତିଭାର ବିକାଶ ନିମନ୍ତେ 'ସ୍ପନ୍ଦନ'ର ସୃଷ୍ଟି। ଏହି ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପ୍ରଥମେ ସଚ୍ଚି ଦାସଙ୍କ ରଚିତ ନାଟକ 'ଜହର ଜହ୍ନ' ସିଭିକ୍ ସେଣ୍ଟରଠାରେ ମଞ୍ଚସ୍ଥ ହୋଇଥିଲା। ଏମିତିରେ ପ୍ରାୟ ୩୩ବର୍ଷ ଧରି ସ୍ପନ୍ଦନ ତା'ର ନାଟକ ପରିବେଷଣକୁ ବଞ୍ଚାଇ ରଖିଛି। ପ୍ରାୟ ୩ଟି ସର୍ବଭାରତୀୟ ନାଟକ ମହୋତ୍ସବ ସାରିଛି ଏବଂ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ପ୍ରତ୍ୟକବର୍ଷ ଡିସେମ୍ବରରେ ଆୟୋଜନ ହୋଇଥାଏ। ଆମେ ବିଶେଷକରି ଆଦିବାସୀଙ୍କ ଲୋକକଳା ନୃତ୍ୟକୁ ପ୍ରାଧାନ୍ୟ ଦେଇଆସୁଛୁ। ଅଣଶାସ୍ତ୍ରୀୟ ଓ ପୁରୁଣା ସିନେମା ସଂଗୀତକୁ ନେଇ ନୃତ୍ୟ କରାଯାଇଥାଏ। ସର୍ବଭାରତୀୟ ଶିଶୁ ଥିଏଟର ମହୋତ୍ସବ ୪ଦିନ ଧରି ଆୟୋଜନ ହୋଇଥାଏ। ଅନୁଷ୍ଠାନର ଏକ ମୁଖପତ୍ର 'ସ୍ପନ୍ଦନ' ପ୍ରକାଶ କରାଯାଇଥାଏ। ଏବେ ସ୍ପନ୍ଦନ ପ୍ରାୟ ୪୦ବର୍ଷରେ ପହଞ୍ଚିଲାଣି। ନିଜସ୍ୱ କାର୍ଯ୍ୟାଳୟ, ନାଟକ ପରିବେଷଣ ପାଇଁ ନିଜସ୍ୱ ନାଟ୍ୟମଞ୍ଚ ରହିଛି। ଏହି ଅନୁଷ୍ଠାନରେ ପ୍ରଥମ ସଭାପତି ଥିଲେ ଅସିତ୍ ତ୍ରିପାଠୀ। ଅଜିତ୍ ପୂଜାରୀ, ପ୍ରକାଶଚନ୍ଦ୍ର ଦାଶ ଏବଂ ଯୁଗ୍ମ ସାଧାରଣ ସଂପାଦକ ଭାବେ ସତ୍ୟ ନାରାୟଣ ମିଶ୍ର ପ୍ରମୁଖ କାର୍ଯ୍ୟ କରୁଛନ୍ତି।

ଅନ୍ୟପକ୍ଷେ ରାଜ୍ୟରେ ଏମିତି ଆହୁରି କେତୋଟି ହାତଗଣତି ନାଟ୍ୟଅନୁଷ୍ଠାନ ରହିଛି। କାହାରି ନିଜସ୍ୱ ଜାଗା ରହିଛି ତ ପୁଣି କାହାର ନାହିଁ। ଏମିତିରେ ଏକାଧିକ ପ୍ରତିଷ୍ଠିତ ସୌଖୀନ ମଞ୍ଚନାଟ୍ୟ ଅନୁଷ୍ଠାନଗୁଡ଼ିକ ସମାଜରେ ଗଠନମୂଳକ ବିଚାରଧାରାକୁ ନେଇ ନାଟକ ମଞ୍ଚସ୍ଥ କରିଥାନ୍ତି।

– ବନବିହାରୀ ବେହେରା






# ଫେଷ୍ଟିଭ୍ ଜୁଏଲେରୀ



**ଜୁଏଲେରୀ ପ୍ରତି ନାରୀଙ୍କର ଦୁର୍ବଳତା ସବୁବେଳେ ରହିଆସିଛି। କାରଣ ଏହା ସେମାନଙ୍କର ରୂପକୁ ଆହୁରି ଆକର୍ଷକ କରିଦେଇଥାଏ। ସେଥିପାଇଁ ତ ବାହାଘର ହେଉ ଅବା ପୂଜାପାର୍ବଣ ସମୟରେ ନିଜକୁ ସଜାଇବା ପାଇଁ ଜୁଏଲେରୀକୁ ନେଇ ଦ୍ୱନ୍ଦରେ ପଡିଯାନ୍ତି ଏମାନେ। ତେଣୁ ଏଠାରେ କିଛି ଜରୁରୀ ଟିପ୍ସ ଦିଆଗଲା, ଯାହାକୁ ଆପଣେଇ ନାରୀଟିଏ ସହଜରେ ପାଇପାରିବ ପାର୍ବଣ ଋତୁରେ ଆକର୍ଷଣୀୟ ଲୁକ୍...**





✲ **ନେକ୍‌ଲେସ୍:** ପୂଜାପାର୍ବଣ ସମୟରେ ଯଦି ଆପଣ ଲେହେଙ୍ଗା କିମ୍ବା ଶାଢି ସାଙ୍ଗକୁ ଡିପ୍ ନେକ୍ ବାଲା ବ୍ଲାଉଜ୍ ପିନ୍ଧିବାକୁ ଯୋଜନା କରିଛନ୍ତି, ତା'ହେଲେ ଏହାକୁ ଆହୁରି ଆକର୍ଷଣୀୟ କରିବାକୁ ବେକରେ ଚୋକର ଷ୍ଟାଇଲ୍‌ର ନେକ୍‌ଲେସ୍ ପିନ୍ଧି ପାରିବେ। ତା'ଛଡ଼ା ଏବେ ମାର୍କେଟ୍‌ରେ ଖୁବ୍ ସୁନ୍ଦର ସୁନ୍ଦର ଡିଜାଇନ୍‌ର ଆର୍ଟିଫିସିଆଲ୍ ନେକ୍‌ଲେସ୍ ବି ମିଳୁଛି। ନିଜ ଆଉଟ୍‌ଫିଟ୍‌କୁ ମ୍ୟାଚ୍ କଲାଭଳି ତଥା ନିଜ ଲୁକ୍‌କୁ ସୁନ୍ଦର ଲାଗିଲା ଭଳି ଯେ କୌଣସି ଡିଜାଇନ୍‌ର ନେକ୍‌ଲେସ୍ ପିନ୍ଧି ବି ନିଜକୁ ଏହି ପାର୍ବଣ ଋତୁରେ ସଜାଇପାରିବେ।

✲ **ମାଙ୍ଗଟିକା ବା ମଥାପଟି:** ସାଧାରଣତଃ ଅନେକ ସ୍ଥାନରେ ବାହାଘର ସିଜିନ୍‌ରେ ସୁନାର ମାଙ୍ଗଟିକା ବା ମଥାପଟି ଲଗାଇବାର ବିଧି ରହିଛି। କିନ୍ତୁ ଫେଷ୍ଟିଭାଲ୍ ହେଉ ଅବା କୌଣସି ସେଲିବ୍ରେଶନ୍ ସମୟରେ ଏଥିନିକ୍ ଆଉଟ୍‌ଫିଟ୍ ସହ ଷ୍ଟୋନ୍ ହେଉ ଅବା କୁନ୍ଦନର କାମ ହୋଇଥିବା ମାଙ୍ଗଟିକା ବା ମଥାପଟି ଲଗାଇ ଆରାମରେ ଗର୍ଜିୟସ୍ ଲୁକ୍ ପାଇହେବ।

✲ **ଚୁଡ଼ି:** ପୂଜାପାର୍ବଣ ସମୟରେ ଏଥିନିକ୍ ଆଉଟ୍‌ଫିଟ୍ ସାଙ୍ଗକୁ ସୁନାର ଗହଣା ପିନ୍ଧିଲେ ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ। ବିଶେଷକରି ହାତର ସୌନ୍ଦର୍ଯ୍ୟ ପାଇଁ ଷ୍ଟାଇଲିଶ୍ ଚୁଡ଼ି ହେଉ ଅବା କଡ଼ା କିମ୍ବା ବାଲା ବି ପିନ୍ଧି ନିଜକୁ ସଜାଇ ପାରିବେ। ଏବେ ତ ମାର୍କେଟ୍‌ରେ ଆର୍ଟିଫିସିଆଲ୍‌ର ଖୁବ୍ ସୁନ୍ଦର ସୁନ୍ଦର ସୁନା ଚୁଡ଼ି ବି ମିଳୁଛି, ଯାହାକୁ ମୁଖ୍ୟତଃ ଶାଢି ସାଙ୍ଗରେ ପିନ୍ଧିଲେ ଲୁକ୍‌କୁ ବେଶ୍ ଭଲ ମାନିଥାଏ।

✲ **ଷ୍ଟେଟ୍‌ମେଣ୍ଟ ରିଂ:** ଗୋଟିଏ ସୁନ୍ଦର, ସୁରୁଚିପୂର୍ଣ୍ଣ ତଥା ବିଶେଷ ଭାବେ ଡିଜାଇନ୍ କରାଯାଇଥିବା ରିଂ ବା ମୁଦି ବି କାହାର ଧ୍ୟାନ ଆକର୍ଷଣ କରିବାକୁ ଯଥେଷ୍ଟ ହୋଇଥାଏ। ମୁଖ୍ୟତଃ ଫେଷ୍ଟିଭ୍ ସିଜିନ୍‌ରେ କୁନ୍ଦନ କାମ ହୋଇଥିବା ଗୋଟିଏ ବଡ଼ ସାଇଜ୍‌ର ମୁଦି ସାଙ୍ଗକୁ ଜର୍ଜେଟ୍ ବା ରେଶମର ଶାଢି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷକ ଲାଗିଥାଏ। କେବଳ ଶାଢି କାହିଁକି ଷ୍ଟେଟ୍‌ମେଣ୍ଟ ରିଂକୁ ଯେ କୌଣସି ଟ୍ରାଡିସ୍‌ନାଲ୍ ଆଉଟ୍‌ଫିଟ୍ ସାଙ୍ଗରେ ପେୟାର୍ କଲେ ବି ଲୁକ୍ ବହୁତ ଭଲ ଦେଖାଯାଇଥାଏ।

✲ **ପାରମ୍ପରିକ ଇୟର ରିଂ:** ଏହା କେବେ ବି ଆଉଟ୍ ଅଫ୍ ଟ୍ରେଣ୍ଡ ହୋଇ ନ ଥାଏ। ଟିକେ ବଡ଼ ସାଇଜ୍‌ର ତଥା ଆକର୍ଷଣୀୟ ଦେଖାଯାଉଥିବା ଝୁମ୍‌କା ହେଉ ଅବା ପେଣ୍ଡିଷ୍ଟାଇଲ୍‌ର ଇୟର ରିଂକୁ କାଞ୍ଜିବରମ୍ ଶାଢି କିମ୍ବା ବନାରସୀ ରେଶମ ଶାଢି ସାଙ୍ଗରେ ମ୍ୟାଚିଂ କରି ପିନ୍ଧିଲେ ଆରାମରେ ଫେଷ୍ଟିଭ୍ ଲୁକ୍ ମିଳିଯାଏ।



**କିଛି ଟିପ୍ସ**

- କାଞ୍ଜିବରମ୍ ଶାଢି ସାଙ୍ଗରେ ଟେମ୍ପଲ୍ ଡିଜାଇନ୍‌ର ଲଙ୍ଗ୍ ନେକ୍‌ଲେସ୍ ଯେମିତି ସୁନ୍ଦର ଲାଗେ ଠିକ୍ ସେମିତି ଚୋକର୍ ନେକ୍‌ଲେସ୍ ବି ଆକର୍ଷଣୀୟ ଲୁକ୍ ଦେଇଥାଏ। ଟିକେ ଅଧିକ ଗର୍ଜିୟସ୍ ଲୁକ୍ ପାଇଁ ଆପଣ ଚାହିଁଲେ ଉଭୟ ଚୋକର୍ ଏବଂ ଲଙ୍ଗ୍ ଷ୍ଟାଇଲ୍ ନେକ୍‌ଲେସ୍‌କୁ ମ୍ୟାଚିଂ କରି ଲେୟାରିଙ୍ଗ୍ କରିପାରିବେ।
- କେବଳ ସୁନାର ଟେମ୍ପଲ ଜୁଏଲେରୀ ମିଳେ ତାହା ନୁହେଁ, ରୁବି, ଏମେରାଲ୍ଡ, ହିରା ଖଚିତ ହୋଇଥିବା ଟେମ୍ପଲ ଜୁଏଲେରୀ ବି ପୂଜାପାର୍ବଣ ସମୟରେ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗେ।
- ଚାନ୍ଦ୍‌ବାଲି ଇୟର ରିଂ ବି ଶାଢି ସାଙ୍ଗରେ ବେଶ୍ ଭଲ ମାନିଥାଏ। କେବଳ ଶାଢି କାହିଁକି ଲେହେଙ୍ଗା ସାଙ୍ଗରେ ବି ଏହି ଟାଇପ୍‌ର ଇୟର ରିଂ ପିନ୍ଧିଲେ ଫେଷ୍ଟିଭ୍ ଲୁକ୍ ମିଳିଥାଏ।









# ପାଠକଙ୍କ ହୃଦୟରେ ରହିବାକୁ ଚାହେଁ

**ସମୁଦ୍ର ଏବଂ ସୁବର୍ଣ୍ଣରେଖା ନଦୀ ଯେଉଁଠି ହାତ ଧରାଧରି ହୋଇ ଝାଉଁବଣରେ ଲୁଚକାଳି ଖେଳନ୍ତି ସେଇଠି ମୋ ଗାଁ ଜଗାଇ। ଗାଁ ବିଦ୍ୟାଳୟରେ ପଢ଼ିଲାବେଳରୁ ହିଁ ସୃଜନଶୀଳତା ମୋ ମନରେ ବସା ବାନ୍ଧିବାକୁ ଲାଗିଥିଲା। ପ୍ରଥମେ ମୁଁ କେବେ କବିତା ଲେଖିଲି ଠିକ୍ ଭାବରେ ମନେନାହିଁ ମାତ୍ର ଷଷ୍ଠଶ୍ରେଣୀ ବେଳକୁ ମୋର ପ୍ରଥମ କବିତା ମିନାବଜାରରେ ପ୍ରକାଶିତ ହୋଇଥିଲା...**

ପ୍ରାୟ ୫ଦଶନ୍ଧି ଧରି ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସେ ବହୁ ଶିଶୁ ସାହିତ୍ୟ, ଭ୍ରମଣ କାହାଣୀ ଓ କବିତା ପୁସ୍ତକ ପ୍ରକାଶ କରିଛନ୍ତି। ଯେଉଁଥିରେ ମା'ମାଟି, ହଜିଯାଉଥିବା ଗାଁର ମହକ ଦେଖିବାକୁ ମିଳେ। ଓଡ଼ିଆ ସାହିତ୍ୟଜଗତରେ ସେ ଜଣେ ବେଶ୍ ପ୍ରତିଷ୍ଠିତ କବି। ସେ ମଧ୍ୟ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର। 'ଫାଲଗୁନି ତିଥିର ଝିଅ' କବିତା ପୁସ୍ତକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ। ସେ ହେଲେ କବି **ମନୋରମା ବିଶ୍ୱାଳ ମହାପାତ୍ର**। ଜନ୍ମ ୨୭।୧୧।୧୯୪୮ମସିହାରେ। ପିତା ପ୍ରାଣକୃଷ୍ଣ ବିଶ୍ୱାଳ। ମାତା କ୍ଷେତ୍ରମଣି। ଘର ବାଲେଶ୍ୱର ଜିଲାର ସମୁଦ୍ରକୂଳିଆ ଜଗାଇ ଗାଁରେ। ଶାଶୁଘର ବାଲେଶ୍ୱରର ହଳଦୀପଦାରେ। ସମ୍ପ୍ରତି ସେ ପ୍ରୀତମପୁରୀ, ଆଚାର୍ଯ୍ୟବିହାର ଭୁବନେଶ୍ୱରରେ ରହୁଛନ୍ତି। ସେ କୁହନ୍ତି, 'ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ୍ ହିନ୍ଦ୍ ଫୌଜରେ ଯୋଗଦେଇ ଦେଶକୁ ସ୍ୱାଧୀନ କରିବା ପାଇଁ ସଙ୍କଳ୍ପ ନେଇଥିଲେ ବାପା। ସେ ଥିଲେ ଜଣେ ସାହିତ୍ୟ ଓ ସଙ୍ଗୀତର ଅନୁରାଗୀ ମଣିଷ। ଯାହାଙ୍କ ପ୍ରଭାବ ମୋ ଉପରେ ପଡ଼ିଛି। ଆଉ ମୋ ଗାଁ ହିଁ ମତେ କବିତା ଲେଖିବାର ପ୍ରେରଣା ଦେଲା। ସମୁଦ୍ର ଏବଂ ସୁବର୍ଣ୍ଣରେଖା ନଦୀ ଯେଉଁଠି ହାତ ଧରାଧରି ହୋଇ ଝାଉଁବଣରେ ଲୁଚକାଳି ଖେଳନ୍ତି ସେଇଠି ମୋ ଗାଁ ଜଗାଇ। ଗାଁ ବିଦ୍ୟାଳୟରେ ପଢ଼ିଲାବେଳରୁ ହିଁ ସୃଜନଶୀଳତା ମୋ ମନକୁ ଉଦ୍‌ବେଳିତ କରୁଥିଲା। ପ୍ରଥମେ ମୁଁ କେବେ କବିତା ଲେଖିଲି ଠିକ୍ ଭାବରେ ମନେନାହିଁ। ମାତ୍ର ଷଷ୍ଠଶ୍ରେଣୀ ବେଳକୁ ମୋର ପ୍ରଥମ କବିତା 'ମୋ ଘର' ପ୍ରକାଶ ପାଇଥିଲା। ପତ୍ରିକାଟି ସ୍କୁଲ ଠିକଣାରେ ଆସିଥିଲା। ପ୍ରଥମେ ଆମ ପ୍ରଧାନ ଶିକ୍ଷୟିତ୍ରୀ ସେହି ପତ୍ରିକାଟିକୁ ଖୋଲିଥିଲେ ଏବଂ ସେଥିରେ ମୋ ଲେଖା ଦେଖି କେବଳ ମୁଁ ନୁହେଁ, ସାରା ସ୍କୁଲ ଯେମିତି ଖୁସିରେ ନାଚି ଉଠିଥିଲା। ଘରେ ବାପା ଏବଂ ମୋ ସାନଭାଇ ଆନନ୍ଦରେ ଆତ୍ମହରା ହୋଇଯାଇଥିଲେ। ଏହି କବିତା ପ୍ରକାଶ ପାଇବା ଉପଲକ୍ଷେ ବାପା ତାଙ୍କ ଅଫିସ୍‌ରେ ଏବଂ ଘରେ ରସଗୋଲା ବାଣ୍ଟିବା ସହ ଭୋଜି ବି ଦେଇଥିଲେ। ସେହି ସୁନ୍ଦର ସ୍ମୃତିର କଥା ଯେତେବେଳେ ବି ମନେପଡ଼େ ମୁଁ ଅନ୍ୟମନସ୍କ ହୋଇଯାଏ। ମୋର ପ୍ରଥମ କବିତା ପୁସ୍ତକ 'କିଶଳୟ' ଯେବେ ପ୍ରକାଶ ପାଇଥିଲା ସେତେବେଳେ ମୁଁ ଭଦ୍ରକ ଗାର୍ଲସ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ ଥିଲି। ତା'ପରେ ଭଦ୍ରକ କଲେଜରେ ବିଏ ପଢା ସମୟରେ 'ଝଙ୍କାର'ରେ ଏକ କବିତା ପ୍ରକାଶିତ ହୋଇଥିଲା। ପରେ ଉଚ୍ଚଶିକ୍ଷା ପାଇଁ ଶାନ୍ତିନିକେତନ ଗଲି। ସେଠାରୁ ଏମ୍.ଏ ପରେ ୟୁଜିସି ଫେଲୋଶିପ୍ ପାଇ ଉତ୍କଳ ବିଶ୍ୱବିଦ୍ୟାଳୟରେ ଡ.ମାୟାଧର ମାନସିଂହଙ୍କ କାବ୍ୟକୀର୍ତ୍ତି ଉପରେ ପିଏଚ.ଡି. କଲି। ତା'ପରେ ପ୍ରଥମେ ଭଦ୍ରକ କଲେଜରେ ଅଧ୍ୟାପିକା ରୂପେ ନିଯୁକ୍ତି ପାଇଲି। ପରେ ଓଡ଼ିଶା ପବ୍ଲିକ ସର୍ଭିସ କମିଶନଙ୍କ ଦ୍ୱାରା ମନୋନିତ ହୋଇ ବିଜେବି କଲେଜରେ ଅଧ୍ୟାପିକା ଭାବେ ନିଯୁକ୍ତି ପାଇଲି। ପରବର୍ତ୍ତୀ ସମୟରେ ଓଡ଼ିଶାର ବିଭିନ୍ନ କଲେଜରେ ଅଧ୍ୟାପନା କଲି। କିନ୍ତୁ ମୋ କବି ଜୀବନର ତପସ୍ୟା ଭୂମିଥିଲା ଭଦ୍ରକ। ତା'ର ମାଟି ମୋ ପାଇଁ ତୀର୍ଥମାଟି। ତା' ପାଣି ମୋ ପାଇଁ ପୁଣ୍ୟତୋୟା ନଦୀ ପରି ପବିତ୍ର। ତା' ପବନରେ ମୁଁ ଆଘ୍ରାଣ କରିଛି ପ୍ରଥମ ଭିଜାମାଟିର ବାସ୍ନା। ଭଦ୍ରକର ଅନତି ଦୂରରେ ରକ୍ତତୀର୍ଥ ଇରମ, କବି ଜଗନ୍ନାଥ ପାଣି, କବୟିତ୍ରୀ ବିଦ୍ୟୁତ୍‌ପ୍ରଭା, କବି ଶେଖର ଚିନ୍ତାମଣି, କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଗାଁ। ସର୍ବୋପରି ପ୍ରିୟ ନଦୀ ସାଳନ୍ଦୀ ସେସବୁ ମିଶି ମୋ କବି ଚେତନାକୁ ଋଦ୍ଧିମନ୍ତ କରିଛନ୍ତି। ମୋ ଜନ୍ମସ୍ଥାନ 'ଜଗାଇ' ତ ମୋ ମା'ପରି ଚିର ନମସ୍ୟା ଏବଂ ଆଦରଣୀୟା। ପିଲାଦିନେ ଲୋକଗଳ୍ପ ଏବଂ କାନ୍ଦଣା ଗୀତ ଶୁଣି ଶୁଣି ମୋ ଶୈଶବ କଟିଛି। ମାମୁଘରେ ପାଲା, ଦାସକାଠିଆରେ ବୈଦେହୀଶ ବିଳାସ ଏବଂ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରଭୃତି ବିଷୟ ଆଲୋଚନା ହେଉଥିଲା। ଭାଗବତ, ଗୀତା ଏବଂ ଗାଁରେ ଝିଅମାନେ ଶାଶୁଘର ଗଲାବେଳେ କାନ୍ଦଣାଗୀତ ମୁଖସ୍ଥ କରୁଥିଲେ, ଏଥିରେ ମୁଁ ଖୁବ୍ ପ୍ରଭାବିତ ହୋଇଛି। କିନ୍ତୁ ମୋର ବ୍ୟକ୍ତିସତ୍ତା ଯେତେବେଳେ କବିସତ୍ତାରେ ରୂପାନ୍ତରିତ ହୋଇଯାଏ, ମୁଁ ସେତେବେଳେ ଆଉଜଣେ କିଏ ହୋଇଯାଏ। ଜାଗତିକ ଜୀବନର ସବୁ ଜଞ୍ଜାଳ ସେତେବେଳେ ତୁଚ୍ଛ ହୋଇଥାଏ। ଜୀବନର ଗତିପଥରେ ବହୁ ତିକ୍ତ ମଧୁର ଅନୁଭୂତି ସହିତ ମୋ କବି ସତ୍ତା ସମ୍ପ୍ରସାରିତ ହୋଇଛି। ମୁଁ ଲେଖିଥିବା ପୁସ୍ତକ ମଧ୍ୟରେ ଫାଲ୍‌ଗୁନି ତିଥିର ଝିଅ, ଏକଲା ନଈର ଗୀତ, ଥରେଖାଲି ଡାକିଦେଲେ, ଶବ୍ଦର ପ୍ରତିମା, ମରିସସ୍‌ରେ ଦୀକ୍ଷା ଓ ଜେଜେମା, ଭାବୁଛି ଚିଠିଲେଖିବି ମାକୁ, କାଳନ୍ଦୀ ଶଙ୍ଖଚିଲ ଗାଁ, ସବୁରଖି ଗଲି, ସ୍ମୃତି ଶାନ୍ତିନିକେତନ, ଶବ୍ଦ ସରସ୍ୱତୀ, ସାତସମୁଦ୍ର ତେରନଈ ଏମିତିରେ ପ୍ରାୟ ୫୦ଟି ଶିଶୁସାହିତ୍ୟ ପୁସ୍ତକ ଓ ପ୍ରାୟ ୪୦ଟି କବିତା ସଙ୍କଳନ ପ୍ରକାଶିତ ହୋଇସାରିଛି। ଅକ୍ଷୟ ମହାନ୍ତିଙ୍କ ନିର୍ଦ୍ଦେଶନାରେ ସଙ୍ଗୀତ ସିଡୀ –ବର୍ଷାଝରା ସ୍ମୃତିଭରା, ଅଧାଲେଖା ଚିଠି ଏବଂ ପ୍ରଫୁଲ୍ଲ କରଙ୍କ ଦ୍ୱାରା ଭାବର ଠାକୁର ତୁମେ ଭାବର ସାଗର, ଏଇ ଦୁନିଆର ପାନ୍ଥଶାଳାରେ, ଆମେ ସବୁ ଟିକିଫୁଲ ଆଦି ସଙ୍ଗୀତ ଲୋକପ୍ରିୟ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ, ପଞ୍ଜାବ କଳା ଏକାଡେମୀ ଚଣ୍ଡିଗଡ଼, ମିନାବଜାର ସମେତ ବିଭିନ୍ନ ଅନୁଷ୍ଠାନରୁ ଶତାଧିକ ପୁରସ୍କାର ଓ ସମ୍ମାନ ମିଳିସାରିଛି। ତେବେ ମୋ ପରିବାରରେ ମୋ ଲେଖାଲେଖିକୁ ଯିଏ ଅଧିକ ପ୍ରେରଣା ଦେବା ସହ ଉତ୍ସାହିତ କରନ୍ତି ସେ ହେଲେ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବାର ଉଚ୍ଚପଦାଧିକାରୀ ସ୍ୱାମୀ ବାସବ କୁମାର ମହାପାତ୍ର। ମୋର ଗୋଟିଏ ପୁଅ ଗୋଟିଏ ଝିଅ ନିଜ ନିଜ ସ୍ଥାନରେ ସୁପ୍ରତିଷ୍ଠିତ। ଅନ୍ୟପକ୍ଷେ ପ୍ରତିବର୍ଷ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀରେ ଆଜକୁ ପ୍ରାୟ ୩୦ବର୍ଷ ଧରି ମୋ ଶାଶୁଙ୍କ ନାମରେ ନାମିତ 'ରତ୍ନମଣି ସ୍ମୃତି ସମ୍ମାନ'କୁ ଜଣେ ପ୍ରତିଷ୍ଠିତ କବିଙ୍କୁ ପ୍ରଦାନ କରାଯାଉଛି। ତେବେ ଏତିକି କହିବି ମୋ ଅବର୍ତ୍ତମାନରେ ଯଦି ମୁଁ ପାଠକମାନଙ୍କ ହୃଦୟରେ ବଞ୍ଚିରହିବି ନିଶ୍ଚିତ ଭାବରେ କବିପ୍ରାଣ ସାର୍ଥକ ହେବ।







–ବନବିହାରୀ



# ମା’

**–କ୍ଷୀରୋଦ ବିହାରୀ ବିଶ୍ୱାଳ**

**ଦୁ**ର୍ଗାପୂଜା ଛୁଟି ପାଇଁ ଘରକୁ ଫେରିବାବେଳେ ଏମିତି ପାର୍ବଣ ପାର୍ବଣ ବାସୁଥିବା ଗାଉଁଲି ପବନ ସହ ସାମ୍ନା ହୁଏ ଲିପିର। ୨ବର୍ଷ ହେଲା ବାପା ଆରପାରିକୁ ଗଲାଦିନୁ ଘରର ସବୁ ଦାୟିତ୍ୱ ନିଜ ଉପରକୁ ନେଇଯାଇଛି ସେ । ଭୁବନେଶ୍ୱରରେ ଗୋଟେ ମଲ୍‌ରେ ସେଲ୍ସ ଓମେନ୍ ଭାବରେ କାମକରେ। ୩/୪ ମାସରେ ଥରେ ଘରକୁ ଆସେ । ଯେବେ ବି ଆସେ ଦିନରେ ଦିନରେ ଘରେ ପହଞ୍ଚିବାକୁ ଚେଷ୍ଟାକରେ। କାରଣ ଟ୍ରେନ୍‌ରେ ଆସ କି ବସ୍‌ରେ ବାହାନଗାରେ ଓହ୍ଲେଇବା ପରେ ଗାଁରେ ପହଞ୍ଚିବା ପାଇଁ ପୁଣିଥରେ ବସ୍ କିମ୍ବା ଟ୍ରେକର ଧରିବାକୁ ହୁଏ ।

ଆଜି ବୋଉକୁ ସରପ୍ରାଇଜ୍ ଦେବ ବୋଲି ଚିନ୍ତାକରି କିଛି ସୂଚନା ନ ଦେଇ ସନ୍ଧ୍ୟାରେ ପହଞ୍ଚୁଥିବା ଲୋକାଲ୍ ଟ୍ରେନ୍‌ରେ ପଳେଇ ଆସିଛି ଲିପି। ଏବେ କିନ୍ତୁ ସମୟ ଓ ଭାଗ୍ୟ ତାକୁ ସରପ୍ରାଇଜ୍ ଦେଉଛି। ପ୍ରତି ଷ୍ଟେଶନରେ ଟ୍ରେନ୍ ଅଧିକ ଦଶ ପନ୍ଦର ମିନିଟ୍ ରହିଯାଉଛି। ଧୀରେ ଧୀରେ ଅନ୍ଧାର ଘୋଟିଗଲାଣି । ଟ୍ରେନ୍ ଝରକା ବାଟୁ ଦିଶୁଥିବା ଗର୍ଭ ଚିରି ଝୁଲି ପଡ଼ିଥିବା ସବୁଜ ଧାନକେଣ୍ଡାର କିଆରି ଆଉ ଦିଶୁନାହିଁ । ଘୁଗୁନି ବେପାରୀଟି ହାଣ୍ଡି ସଫା କରିଦେଇ ସାମ୍ନା ସିଟ୍‌ରେ ବସି ପଇସା ହିସାବ କରୁଛି । ଦିନସାରା ଲୋକଙ୍କ ସହିତ ରଡ଼ିରଡ଼ି ତାଳିମାରି ଭିକ୍ଷା କରୁଥିବା କିନ୍ନର ଜଣକ ଆସି ତା’ପାଖରେ ବସିଲା ।

ଟ୍ରେନ୍ ପହଞ୍ଚିବାକୁ ଆହୁରି ଘଣ୍ଟାଏ ଲାଗିପାରେ। ବାହାନଗା ଷ୍ଟେଶନରୁ ଟ୍ରେକର ଷ୍ଟାଣ୍ଡ ୨ କିଲୋମିଟର ନିଛାଟିଆ ବାଟ। ବୋଉକୁ ଫୋନ୍ କଲେ ବୋଉ ଆହୁରି ବ୍ୟସ୍ତ ହେବ। ଷ୍ଟେଶନରେ ପହଞ୍ଚିଲା ବେଳକୁ ରାତି ୮ଟା। ଛୋଟ ଷ୍ଟେଶନଟି ପୂରା ଅନ୍ଧାରରେ ବୁଡ଼ି ରହିଥିଲା। ଟ୍ରେନ୍‌ର ଝରକା ଭିତର ଦେଇ ଆସୁଥିବା ହାଲ୍‌କା ଆଲୁଅ ସାହାଯ୍ୟରେ ଟ୍ରେନ୍‌ରୁ ଓହ୍ଲାଉଥିବା ଅଳ୍ପ କିଛି ଲୋକଙ୍କ ଭିତରୁ ଲିପି ଅଣ୍ଡାଳୁଥିଲା କୌଣସି ଗୋଟେ ପରିଚିତ ମୁହଁକୁ, ଯାହା ସହିତ ସେ ବିଶ୍ୱାସରେ ଯାଇପାରିବ ଟ୍ରେକର ଷ୍ଟାଣ୍ଡ ପର୍ଯ୍ୟନ୍ତ। ନା ... କେହି ନାହିଁ । ଲିପି ଥରୁଥିଲା ଶୀତରେ ଯେତିକି ନୁହେଁ ଭୟରେ ସେତିକି ।

ଟ୍ରେନ୍ ହର୍ନ ଦେଇ ଚାଲିଗଲା। ଲିପି ପାଦରୁ ମେରୁହାଡ଼ ପର୍ଯ୍ୟନ୍ତ ଖେଳିଗଲା ଭୟର ଏକ ଶିହରଣ। ଆଖିରେ ଲୁହ ଆସିଗଲା। ସେତିକିବେଳେ ପଛରୁ କେହି ଜଣେ କହିଲା, “କୋଉଠିକି ଯିବ?” ପଛକୁ ଚାହିଁଲା ଲିପି। ସେହି କିନ୍ନର ଜଣକ ହସିହସି ଦେଖୁଥିଲା ଲିପିକୁ। –ଟ୍ରେକର ଷ୍ଟାଣ୍ଡ ପର୍ଯ୍ୟନ୍ତ, ସେଇଠୁ ଟ୍ରେକରରେ ନୂଆପୁର। – ମାଁ ଥାଉ ଥାଉ ଝିଅ ଡରିବ କାହିଁକି ? ଆସେ ମୋ’ ସହିତ। ଏତକ କହି ଆଗେ ଆଗେ ଚାଲିଲା ସୁନିତା କିନ୍ନର। ଲିପିକୁ ଲାଗୁଥିଲା ସିଂହବାହିନୀ ଦଶଭୁଜା ମାଆ ଚାଲିଛନ୍ତି ଆଗେ ଆଗେ ଅଭୟ ଦେଇ, ପଛେ ପଛେ ଲିପି। ଏବେ ପୁଣିଥରେ ପବନ ପାର୍ବଣ ପାର୍ବଣ ବାସିଲା।

*ମାର୍ଫତ୍ – କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ*
*ନୂଆପୁର,କଲ୍ୟାଣୀ, ବାଲେଶ୍ୱର,*
*ମୋ: ୯୪୩୯୯୮୭୬୭୫*

# ଶରତର ସ୍ନିଗ୍ଧ ନିମନ୍ତ୍ରଣ

**–ଡା. ସରୋଜିନୀ ଷଡଙ୍ଗୀ**

**ଶ**ରତ ଋତୁର ଏକି
ଚମତ୍କାର ସଜବାଜ
ଓହ୍ଲାଉଛି ଧୀରେ ଧୀରେ
ଦୀପ୍ତ ଏଇ ପୃଥିବୀକୁ
ସାଥେ ନେଇ କାଶତଣ୍ଡୀ
ଫୁଲର ଫୁଆର !

ପଣତ କାନିରେ ତା’ର
ଶାରଦୀୟ ଉତ୍ସବର
ଭାରଭାର ସ୍ନିଗ୍ଧ ନିମନ୍ତ୍ରଣ !
ଯେଉଁଥିରେ ଲେଖାଅଛି
ମନୋରମ ନାଁଟିଏ
ପାର୍ବଣ ପାର୍ବଣ !

ଆଜି ଏଇ ମଂଜୁଳ ତିଥିରେ
ଆସୁଛନ୍ତି ଶକ୍ତିମୟୀ
ଦୀପ୍ତିମୟୀ ମା’ ଦୁର୍ଗା
ଦୁର୍ଗତି ନାଶିନୀ,
ଅନ୍ୟାୟକୁ ନାଶ କରି
ସବୁ ଅମଙ୍ଗଳ ତକ ଦୂର କରି
ଚାହୁଁ ଚାହୁଁ ପୃଥିବୀକୁ
କରିଦେବେ ସୁମଙ୍ଗଳ ମୟ !!

*–ଲିଙ୍କରୋଡ, କଟକ–୧୨*
*ମୋ: ୯୪୩୭୦୫୫୦୦୭*

# ଦେବୀ

**–ଶର୍ମିଷ୍ଠା ସାହୁ**

**ଦେ**ବୀପୀଠରେ ମୁଣ୍ଡ ନୁଆଁଇଥିବା ମଣିଷଟି ଭିତରେ
ଅଶେଷ ମନୋବାଞ୍ଛାର ଊର୍ଦ୍ଧ୍ୱମୁଖୀ ଶିଖା ଦେଖି
ତା’ ହାତରେ ଜଳୁଥିବା ଦୀପ ବି ଚକିତ ହୁଏ।
ଯୋଡ଼ହସ୍ତ ଭିତରେ ଆହୁରି ଅନେକ ପାପର
ଭବିଷ୍ୟରେଖା ଘୂରି ବୁଲୁଥାଏ।

ଦେବୀର ଆଖି ସବୁଦେଖେ
ସ୍ତୁତିଗାନ ଓ ଅପମାନ,
ଭିଡ଼ର ଭୋକ ଓ ମନର ଶ୍ମଶାନ।
ବାସ୍ ଦେଖେ ପଲକ ନ ପକାଇ
କୋଳାହଳ ଓ ନିଶ୍ଚୁପ୍ ସମୟର
ଦୁର୍ବୋଧ ସମୀକରଣ।

*–ଏମ୍ ସି ଏଲ୍, କଳିଙ୍ଗ ନଗର ଏରିଆ,*
*ଶତାବ୍ଦୀ ନଗର, ତାଳଚେର*
*ମୋ: ୯୩୪୮୫୨୧୨୮୫*



# ଲକି ଗର୍ଲ

ରକୁଲ୍ ପ୍ରୀତ୍ ସିଂଙ୍କ ଅଭିନୟ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୯ରୁ। 'ଗିଲ୍ଲି' ଟାଇଟଲବିଶିଷ୍ଟ ଏକ କନ୍ନଡ ଫିଲ୍ମରେ ତାଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା। ତା'ପରେ ସେ କେତୋଟି ତେଲୁଗୁ ଏବଂ ତାମିଲ ଫିଲ୍ମରେ ମଧ୍ୟ ଅଭିନୟ କରିଥିଲେ। ବଲିଉଡ୍‌ରେ ରକୁଲ୍ ଏଣ୍ଟ୍ରି କରିଥିଲେ ୨୦୧୪ରେ ଆଉ ଫିଲ୍ମଟି ଥିଲା 'ୟାରିୟାଁ'। ଫିଲ୍ମଟି ମଧ୍ୟ ବକ୍ସ ଅଫିସରେ ଭଲ ବିଜନେସ୍ କରିଥିଲା। କେବଳ ସେତିକି ନୁହେଁ, ଏହା ଭିତରେ ସେ ଅନେକ ତେଲୁଗୁ ଏବଂ ତାମିଲ ସିନେମାରେ ଅଭିନୟ କରିସାରିଲେଣି। ନିକଟରେ ସେ ଜଣେ ନବାଗତ ତାମିଲ ପ୍ରଯୋଜକଙ୍କର ତିନୋଟି ସିନେମାର ନାୟିକା ସାଜିବାକୁ ଯାଉଛନ୍ତି। ଏ ନେଇ ରକୁଲ କହନ୍ତି, 'ନିକଟରେ ମୋତେ ଜଣେ ନୂଆ ପ୍ରଯୋଜକ ଯୋଗାଯୋଗ କରିଥିଲେ। ସେ ନିର୍ମାଣ କରିବାକୁ ଯାଉଥିବା ତିନୋଟି ଫିଲ୍ମରେ ମୁଁ ଅଭିନୟ କରିବି। ବିଶେଷଭାବରେ ଏଥିରୁ ଗୋଟିଏ ସିନେମା ଆକ୍ସନଭିତ୍ତିକ ହେବ ବୋଲି ପ୍ରଯୋଜକ ସୂଚନା ଦେଇଛନ୍ତି। ଏହାବ୍ୟତୀତ ରିଲିଜ ଅପେକ୍ଷାରେ ଥିବା 'ଡକ୍ଟର ଜୀ'ରେ ମୁଁ ଜଣେ ମେଡିକାଲ ଷ୍ଟୁଡେଣ୍ଟ ଭୂମିକାରେ ଅଭିନୟ କରୁଛି। ଏଥିରେ ମୋ ନାୟକ ଭାବରେ ଦେଖାଦେବେ ଆୟୁଷ୍ମାନ ଖୁରାନା। ମୋର ୧୩ ବର୍ଷର ଅଭିନୟ କ୍ୟାରିୟରରେ ମୁଁ ଅନେକ ଉତ୍ଥାନ ପତନ ଦେଖିଛି। ମୋର ରିଲିଜ ଅପେକ୍ଷାରେ ଥିବା ଫିଲ୍ମଗୁଡିକୁ ଦର୍ଶକ ଗ୍ରହଣ କରିବେ ବୋଲି ଦୃଢ଼ ଆଶା ରହିଛି।' ତେବେ ତାଙ୍କର ଏହି ଆଶା କେତେ ପୂରଣ ହେଉଛି ତାହା ସେଗୁଡିକ ମୁକ୍ତିଲାଭ କରିବା ପରେ ହିଁ ଜଣାପଡିବ।


ରକୁଲ

# ବାୟୋପିକ୍ ନିଶା

ଆମୀର ଖାଁଙ୍କ 'ଦଙ୍ଗଲ' ଫିଲ୍ମରୁ ସାନ୍ୟା ମାଲହୋତ୍ରା ଚର୍ଚ୍ଚାର ପରିସରକୁ ଆସିଥିଲେ। ଏହା ଭିତରେ ସେ 'ସିକ୍ରେଟ ସୁପରଷ୍ଟାର', 'ପଟାଖା', 'ବଧାଇ ହୋ', 'ଫଟୋଗ୍ରାଫ', 'ଲଭ୍ ହଷ୍ଟେଲ' ଆଦି ସିନେମାରେ ଅଭିନୟ କରିସାରିଛନ୍ତି। ଏବେ ତାଙ୍କ ମନକୁ ଏକ ନୂଆ ଆଇଡିଆ ଆସିଛି। ତାହା କ'ଣ ଜାଣନ୍ତି ? ସେ କୁଆଡେ ବାୟୋପିକ୍ ସିନେମା ପାଇଁ କାହାଣୀ ସନ୍ଧାନରେ ଅଛନ୍ତି। ତା'ସହ ଜଣେ ନାରୀର ସଂଘର୍ଷମୟ ଜୀବନୀ ଉପରେ ଆଧାରିତ କଥାବସ୍ତୁ ଖୋଜିବା ପାଇଁ ଲାଗିପଡିଛନ୍ତି ସେ । ଏ ନେଇ ସାନ୍ୟା କହନ୍ତି, 'ଯାହା କହନ୍ତୁ ନା କାହିଁକି, ବାୟୋପିକ୍ ଫିଲ୍ମରେ ଆକ୍ଟିଂ କରିବାର ମଜା ନିଆରା। କାରଣ ଏବେ ଏଭଳି କାହାଣୀର ଚାହିଦା ରହିଛି। ତେଣୁ କେତୋଟି ବାୟୋପିକ୍ ଷ୍ଟୋରି ଖୋଜିବାରେ ବ୍ୟସ୍ତ ଅଛି। ତା' ସହ ଜଣେ ନାରୀର ସଂଘର୍ଷମୟ ଜୀବନକୁ ନେଇ ଆଧାରିତ କାହାଣୀ ଖୋଜୁଛି। କାରଣ ନାରୀଭିତ୍ତିକ ସିନେମାରେ ଅଭିନୟ କରିବାକୁ ଇଚ୍ଛା ରହିଛି। ଅବଶ୍ୟ ୟା ଭିତରେ ମୁଁ ସେପରି କେତୋଟି ସିନେମାରେ ଆକ୍ଟିଂ କରିସାରିଛି ଆଉ ସେହି ଫିଲ୍ମଗୁଡିକୁ ଦର୍ଶକ ପ୍ରଶଂସା କରିଛନ୍ତି। ମୁଁ ସବୁବେଳେ ଏଭଳି କାହାଣୀକୁ ଆଧାର କରି ନିର୍ମିତ ସିନେମାରେ ଅଭିନୟ କରିବାକୁ ଚାହେଁ, ଯେଉଁଥିରୁ ଦର୍ଶକ କିଛି ଶିଖିପାରିବେ।' ତେବେ ସାନ୍ୟାଙ୍କର କାହାଣୀ ମିଶନ କେତେ ସକ୍‌ସେସ୍ ହେଉଛି ତାହା ଦେଖିବାକୁ ବାକି ରହିଲା।


ସାନ୍ୟା


ଜାହ୍ନବୀ

# ଖୋଜିବା ଚିଜ ମିଳିଗଲା

କଥାରେ ଅଛି-ଏମନ ଖୋଜୁଥାଏ ଯାହା କାଲେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ଜାହ୍ନବୀ କପୁର କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି ସମାଜସେବା ଉପରେ ଆଧାରିତ ଏକ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଏ ସମ୍ପର୍କରେ ଜାହ୍ନବୀ କହନ୍ତି, 'ଯଦିଓ ଏହାର ଟାଇଟଲ ଫାଇନାଲ ହୋଇନାହିଁ, ହେଲେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। କାହାଣୀ ଅନୁସାରେ ଜଣେ ଗାଁଉଲି ନାରୀ ସମାଜସେବା କରିବାକୁ ଆଗଭର ହୋଇଛି। ହେଲେ ଏଥିଲାଗି ତାକୁ ଅନେକ ବାଧାବିଘ୍ନର ସାମନା କରିବାକୁ ପଡୁଛି। ଏପରି କି ନିଜ ଲକ୍ଷ୍ୟ ହାସଲ ପାଇଁ ସେ ନିଜ ଜୀବନକୁ ବାଜି ଲଗାଇବାକୁ ପଛାଉ ନାହିଁ। ଏଭଳି ଭୂମିକା ବିଷୟରେ ଜାଣିବା ପରେ ମୁଁ ତାହାକୁ କିପରି ତୁଲାଇବି ସେନେଇ ମାନସିକ ସ୍ତରରେ ପ୍ରସ୍ତୁତ ହୋଇସାରିଲିଣି।' ଅନ୍ୟପକ୍ଷରେ ହୋମ ବ୍ୟାନରରେ ନିର୍ମିତ 'ମିଲି' ଫିଲ୍ମକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଜାହ୍ନବୀ। ଏହି ଚିତ୍ରଟିର ପ୍ରଯୋଜକ ଅଛନ୍ତି ବୋନି କପୁର ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ମୁଥୁକୁଟ୍ଟି ଜାଭିୟର। ଚଳିତ ବର୍ଷ ଏପର୍ଯ୍ୟନ୍ତ ଜାହ୍ନବୀଙ୍କ ଅଭିନୀତ ଗୋଟିଏ ହେଲେ ସିନେମା ରିଲିଜ ହୋଇନାହିଁ। ତାଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ଗୁଡଲକ୍ ଜେରି' ଏବଂ ଫିଲ୍ମଟି ଚଳିତବର୍ଷ ଜୁଲାଇ ୨୯ରେ ଡିଜନୀ ହଟ୍‌ଷ୍ଟାର୍‌ରେ ରିଲିଜ୍ ହୋଇଥିଲା।

# ଚାଲିଛି ଖୋଜାଖୋଜି


ସୂର୍ଯ୍ୟକାନ୍ତ

ଅଭିନେତା-କମ୍-ପ୍ରଯୋଜକ ସୂର୍ଯ୍ୟକାନ୍ତ ସାମଲ। ନିକଟରେ ତାଙ୍କ ଅଭିନୀତ ଓଡ଼ିଆ ସିନେମା 'ବାଲୀ-ଦ ସେଭିୟର' ରିଲିଜ ହୋଇଛି। ଏହାପରେ ସେ ପୁଣି ନିଜକୁ ଏକ କାମରେ ନିୟୋଜିତ କରିଛନ୍ତି। ତାହା କ'ଣ ଜାଣନ୍ତି ? ଏକ ଦମଦାର ଆକ୍ସନଭିତ୍ତିକ କାହାଣୀ ସନ୍ଧାନରେ ଅଛନ୍ତି ସେ। ଏ ନେଇ ସୂର୍ଯ୍ୟକାନ୍ତ କହନ୍ତି, 'ବାଲୀ ଫିଲ୍ମକୁ ଦର୍ଶକ ଗ୍ରହଣ କରିବା ପରେ ଆଉ ଏକ ଭିନ୍ନ ଧରଣର କାହାଣୀକୁ ନେଇ ଫିଲ୍ମଟିଏ ନିର୍ମାଣ କରିବାକୁ ଚିନ୍ତା କରୁଛି। ତେଣୁ ଏକ ଭଲ କାହାଣୀଟିଏ ଖୋଜୁଛି। ପୂର୍ବଭଳି ଏଥର ମଧ୍ୟ ତରବର ହେବି ନାହିଁ। କାରଣ କାହାଣୀଟିଏ ଖୋଜିବା ବେଳେ ତାହାକୁ ଦର୍ଶକ ଗ୍ରହଣ କରିବେ କି ନାହିଁ ତାହା ଭଲ ଭାବରେ ଚିନ୍ତା କରେ। ତା'ପରେ ପ୍ରତିଟି କାହାଣୀରେ ମୁଁ ଏକ୍ସପେରିମେଣ୍ଟ କରିଥାଏ। ପ୍ରତିଟି କାହାଣୀରୁ ଦର୍ଶକ କିପରି ଡିଫରେଣ୍ଟ ଚାର୍ମ ପାଇବେ ତାହାକୁ ଗୁରୁତ୍ୱ ଦେଇଥାଏ। ଏବେ ଓଡ଼ିଆ ସିନେମାକୁ ନେଇ ଆଲୋଚନା ହେଉଛି। ମୋ ମତରେ ଭଲ ସିନେମା ନିର୍ମାଣ କଲେ ଦର୍ଶକ ପୁଣି ଥରେ ନିଶ୍ଚୟ ପ୍ରେକ୍ଷାଳୟ ମୁହାଁ ହେବେ।' ସୂଚନାଯୋଗ୍ୟ କେ. ମୁରଲୀକ୍ରିଷ୍ଣାଙ୍କ ନିର୍ଦ୍ଦେଶିତ 'ବାଲୀ'ରେ ସୂର୍ଯ୍ୟକାନ୍ତଙ୍କ ନାୟିକା ସାଜିଥିଲେ ମାମା ସାମଲ।

# ଜି ଲେ ଜରା


ପ୍ରିୟଙ୍କା

ଫରହାନ୍ ଅଖତରଙ୍କ ନିର୍ଦ୍ଦେଶିତ 'ଜି ଲେ ଜରା'କୁ ନେଇ ଚର୍ଚ୍ଚା। କାରଣଟି ହୁଏତ କେତେକ ଜାଣନ୍ତି। ଏହି ଫିଲ୍ମରୁ ପୁଣି ଥରେ ବଲିଉଡ୍‌କୁ କମବ୍ୟାକ୍ କରୁଛନ୍ତି ପ୍ରିୟଙ୍କା ଚୋପ୍ରା। ନିକ୍ ଜୋନାସଙ୍କ ସହ ଘର ସଂସାର କରିବା ପରେ ଏବେ ସେ ବିଦେଶରେ ରହୁଛନ୍ତି। କେବଳ ସେତିକି ନୁହେଁ, ହଲିଉଡ୍ ପ୍ରୋଜେକ୍ଟକୁ ନେଇ ସେ ବ୍ୟସ୍ତ। ଏହି ଫିଲ୍ମ ପୂର୍ବରୁ ତାଙ୍କୁ କେତୋଟି ବଲିଉଡ୍ ଅଫର ମିଳିଥିଲା, ହେଲେ ସମୟ ଅଭାବରୁ ସେ ସେଗୁଡିକୁ ହାତଛଡା କରିଥିଲେ। ଯେତେବେଳେ ଫରହାନ୍ ତାଙ୍କୁ ଏହି ଫିଲ୍ମ ନେଇ ଯୋଗାଯୋଗ କଲେ ସେତେବେଳେ ପ୍ରିୟଙ୍କା ଏଥିରେ ଅଭିନୟ କରିବାକୁ ହଁ ଭରିଥିଲେ। ଫିଲ୍ମଟି ଚଳିତ ବର୍ଷ ଓଟିଟି ଫର୍ମାଟରେ ରିଲିଜ ହେବାର ଯୋଜନା ଥିଲା। କିନ୍ତୁ ତାହାକୁ ବାତିଲ କରାଯାଇ ରିଲିଜକୁ ଆସନ୍ତା ବର୍ଷ ମଧ୍ୟ ଭାଗକୁ ଘୁଞ୍ଚାଇ ଦିଆଯାଇଛି। ଉକ୍ତ ସିନେମାରେ ପ୍ରିୟଙ୍କାଙ୍କ ବ୍ୟତୀତ ଆଲିୟା ଭଟ୍ଟ ଏବଂ କ୍ୟାଟ୍ରିନା କୈଫଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏ ସମ୍ପର୍କରେ ପ୍ରିୟଙ୍କା କୁହନ୍ତି, ''ବେଶ୍ କିଛି ବର୍ଷ ଗ୍ୟାପ୍ ପରେ ମୁଁ ବଲିଉଡ୍‌କୁ କମବ୍ୟାକ୍ କରୁଛି। ଏହି ଫିଲ୍ମଟି ଆସନ୍ତା ବର୍ଷ ଜୁନ୍‌ରେ ରିଲିଜ ହେବାର ଯୋଜନା ରହିଛି। ତେଣୁ ସେହି ସମୟ ପର୍ଯ୍ୟନ୍ତ କେବଳ ଅପେକ୍ଷା କରିବାକୁ ହିଁ ପଡିବ।''


ତାରା

# ଗୀତ ପାଇଁ...

ତାରା ସୁଟାରିଆ କେବଳ ଜଣେ ଅଭିନେତ୍ରୀ ନୁହଁନ୍ତି, ତାଙ୍କର ଆଉ ଏକ ଭଲ ଅଭ୍ୟାସ ଅଛି। ଗୀତ ଗାଇବା ତାଙ୍କର ଏକ ହବି। ନିକଟରେ ଏକ ନୂଆ ସିନେମାରେ ତାଙ୍କୁ ଅଭିନୟ କରିବାକୁ ଅଫର ମିଳିଥିଲା। ଆଉ ଯେତେବେଳେ ଜାଣିଲେ ଯେ ଏଥିରେ ତାଙ୍କୁ ଅଭିନୟ ସହ ଗୀତ ଗାଇବାର ସୁଯୋଗ ମିଳିବ ସେତେବେଳେ ତାଙ୍କର ଖୁସି କହିଲେ ନ ସରେ। ସେ ଏତେ ଖୁସି ହୋଇ ହୋଇଯାଇଥିଲେ ଯେ ସେହି ଗୀତ ପାଇଁ ଆଦୌ କିଛି ପାରିଶ୍ରମିକ ନେବେ ନାହିଁ ବୋଲି ସୂଚନା ଦେଇଥିଲେ। ଏ ନେଇ ତାରା କହନ୍ତି, 'ଯେତେବେଳେ ପ୍ରଯୋଜକ ମୋତେ ଗୀତ ଗାଇବା ପାଇଁ କହିଲେ ସେତେବେଳେ ମୁଁ ତାହାକୁ ସହଜରେ ବିଶ୍ୱାସ କରିପାରି ନ ଥିଲି। ମୋତେ ଏଭଳି ଲାଗିଲା ଯେ ମୁଁ ବୋଧହୁଏ ସ୍ୱପ୍ନ ଦେଖୁଛି। ଏହାର ଟ୍ୟୁନ୍ ଶୁଣିବା ପରେ ତାହା ମୋତେ ବେଶ୍ ପ୍ରଭାବିତ କରିଛି। ଏହି ଗୀତ ପାଇଁ ମୁଁ ଟଙ୍କାଟିଏ ନେବି ନାହିଁ। ଗୀତ ଗାଇବା ମୋର ପିଲାଟି ଦିନରୁ ଅଭ୍ୟାସ। ମୋତେ ଯେତେବେଳେ ମାତ୍ର ୭ ବର୍ଷ ବୟସ ହୋଇଥିଲା, ସେତେବେଳଠାରୁ ମୁଁ ଗୀତ ଗାଇବା ଆରମ୍ଭ କରିଥିଲି।' ଅନ୍ୟପକ୍ଷରେ ତାରା ଏବେ ଚୁଜି ହେଲେଣି। କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି। ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର୍ ତାଙ୍କ ହାତରୁ ଖସି ଯାଇଛି। ହେଲେ ତାହାକୁ ନେଇ ମନଦୁଃଖ କରୁନାହାନ୍ତି ତାରା। ସୂଚନାଯୋଗ୍ୟ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ ତାରା ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ।

## ପ୍ରଥମ ରୋଜଗାର



ଶିକ୍ଷାବିତ୍ ତଥା ଲେଖିକା **ସଂଘମିତ୍ରା ରାଏଗୁରୁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ବୋଉ ପାଇଁ ଶାଢ଼ି କିଣିଥିଲି

ହଠାତ୍ ଆକାଶକୁ ଛୁଇଁଲା ଭଳି ଲାଗିଥିଲା ସେଦିନ। ତାରିଖ ଠିକ୍ ମନେନାହିଁ, କିନ୍ତୁ ଘଟଣାଟି ଥିଲା ୨୦୦୪ ମାର୍ଚ୍ଚ ମାସର କଥା। ସେତେବେଳେ ବିଏସ୍‌ସି ବିଏଡ୍ ଫାଇନାଲ ପରୀକ୍ଷା ସରିଥାଏ ଆଉ କ୍ୟାମ୍ପସ ସିଲେକ୍ସନ ଲାଗି ଅନେକ ବିଦ୍ୟାଳୟ ଆମ କଲେଜ(ଆର୍‌ଆଇଇ,ଭୁବନେଶ୍ୱର)କୁ ଆସୁଥାନ୍ତି। ହରିୟାଣାରୁ ଆସିଥିବା ଏକ ବିଦ୍ୟାଳୟର ପ୍ରାଥମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାପରେ ଇଣ୍ଟରଭ୍ୟୁ ଲାଗି ଡାକରା ଆସେ। ଘରେ ସମସ୍ତେ ମନା କରୁଥାନ୍ତି, କହୁଥାନ୍ତି ଏତେ ଦୂର ଯିବା ଆବଶ୍ୟକ ନାହିଁ। ହେଲେ ମନ କୋଉ ମାନୁଥିଲା ଯେ...ଏତେ ପାଖରେ ଠିକଣା ପାଇ କିଏ କ'ଣ ହାତଛଡ଼ା କରେ, ତା' ପୁଣି ନୂଆ ନୂଆ ଉଡ଼ିବା ଶିଖି ପର ତଉଲୁଥିବା ଚଢ଼େଇଟିଏର! ଯେହେତୁ ଜୀବନରେ ଏଭଳି ଅନୁଭୂତି ଥିଲା ପ୍ରଥମ, ତେଣୁ ମୁଁ କିଛି ନ ଭାବି, ଚିନ୍ତା ନ କରି ଏକା ଏକା ଭୁବନେଶ୍ୱରରୁ ଦିଲ୍ଲୀ ଟିକେଟ କାଟିଲି ଓ ସେଠୁ ବସ୍ ଧରି ହରିୟାଣାରେ ପହଞ୍ଚିଗଲି। ଇଣ୍ଟରଭ୍ୟୁରେ ପାସ୍ ହେବା ପରେ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତିପତ୍ର ମିଳିଲା ; ଯେଉଁଥିରେ ମାସିକ ଦରମା ୭,୫୦୦ଟଙ୍କା ସହ ଖାଇବା ଫ୍ରି ଥିଲା। ସବୁଠୁ ବଡ଼ କଥା ରହିବାକୁ ବିଦ୍ୟାଳୟ ପରିସରରେ ସୁସଜ୍ଜିତ କ୍ୱାର୍ଟର୍ସ ବି ମିଳିଲା। ଆଉ କ'ଣ ଦରକାର ? ସେତେବେଳେ ଏହା ଆଶାଠୁ ଢେର ମିଳିଲା ପରି ମନେହେଉଥିଲା। ସେ ଖୁସି କ'ଣ ଶବ୍ଦରେ ବର୍ଣ୍ଣିହୁଏ! ତଥାପି ପ୍ରଥମ ପ୍ରେମ ପରି ପହିଲି ରୋଜଗାରର ପୁଲକ, ପ୍ରଥମ ବର୍ଷା ବୁନ୍ଦା ମାଟିକୁ ଛୁଇଁଲା ପରର ବାସ୍ନା ପରି ଥିଲା। ସେ ଶିହରଣ ଆଉ ନୂଆ ପରିଚୟ ପାଇ କେଉଁ ରାଜ୍ୟର ରାଣୀ ପରି ଫୁଲେଇ ହେବାର ଆତ୍ମବିଶ୍ୱାସ ଏବେ ବି ହୃଦୟର କେଉଁ କୋଣରେ ବନ୍ଧା ପଡ଼ିଛି ; ଯାହା ସତେଜ ସକାଳଟେ ପରି ସମୟ ଅସମୟରେ ମୋତେ ଉସୁକେଇ ଆହୁରି ଉଜ୍ଜ୍ୱଳ ହେବାକୁ ପ୍ରେରଣା ଦେଉଛି। ସେଦିନର ଖୁସି ନନାବୋଉଙ୍କ ସହ ବାଣ୍ଟିଲା ବେଳେ ମୁଁ ସେମାନଙ୍କ ଆନ୍ତରିକ ଉଲ୍ଲାସ ଅନୁଭବ କରିଛି, ଭାଇ-ଭଉଣୀଙ୍କ ଆନନ୍ଦକୁ ସାଉଁଟିଛି...ସବୁ ମନେଅଛି। ମନେଅଛି ଖରାଛୁଟି ପୂର୍ବରୁ ପ୍ରଥମ ଦରମାର ଚେକ୍ ଷ୍ଟେଟ୍ ବ୍ୟାଙ୍କରେ ଜମାକରି ଟଙ୍କା ଉଠେଇବାର ଦୃଢ଼ତା, ସେଇ ଟଙ୍କାରେ ଘରକୁ ଆସିବାର ଟିକେଟ କାଟିଲାବେଳେ ଆତ୍ମବଳର ନିଃଶ୍ୱାସରେ ଆଉ ଟିକେ ସଳଖି ହେବାର କାହାଣୀ। ବୋଉ ଲାଗି ଶାଢ଼ି, ଘର ଲାଗି ଛୋଟମୋଟ ଜିନିଷ, ଭଉଣୀଙ୍କ ଲାଗି ହାତଖର୍ଚ୍ଚ ପଠେଇଲା ବେଳର ଆତ୍ମସନ୍ତୋଷ...ଏସବୁ କ'ଣ ଭୁଲିହୁଏ! ଘରର ସମସ୍ତ ବନ୍ଧୁବାନ୍ଧବଙ୍କୁ, ସାଙ୍ଗସାଥୀଙ୍କୁ ଝିଅ ଚାକିରି ପାଇଲା ବୋଲି ଗର୍ବରେ କହିଲା ବେଳେ ନନାବୋଉଙ୍କ ମୁହଁରେ ଫୁଟି ଉଠିଥିବା ସନ୍ତୁଷ୍ଟିକୁ ଆଜିଯାଏ ଆଖି କ୍ୟାମେରାରେ କଏଦ କରି ରଖିଛି। ମୋ ଲାଗି ଏଇଟା ଆଣିବୁ ସେଇଟା ଆଣିବୁ କହି କହି ଖୁସିରେ ଡେଉଁଥିବା ଭାଇଭଉଣୀଙ୍କ ଉତ୍ସାହକୁ ଏଯାଏଁ ଛାତି ବଖରାରେ ସାଇତି ରଖିଛି....ଏମିତି କେତେ କଥା ଆଜି ବି କଥା ହୋଇ ରହିଛି ପହିଲି ରୋଜଗାରର ପୁଲକ ସହ ଯୋଡ଼ିହୋଇ। କିନ୍ତୁ ସବୁ କ'ଣ କଲମରେ ତୋଳି ହୁଏ ! ଆଜି ସେଇସବୁ ମୁହୂର୍ତ୍ତକୁ ପୁଣିଥରେ ଜୀଇବାର ତଥା ଅତୀତମଗ୍ନ ହେବାର ସୁଯୋଗ ମିଳିଥିବାରୁ ମୁଁ ଖୁବ୍ ଖୁସି। ମୋ ମତରେ କିଛି ଖୁସି କେବଳ ଅନୁଭବି ହୁଏ ଯାହାକୁ ତୋଳି ଧରିବାକୁ ଶବ୍ଦ ନିଅଣ୍ଟ ପଡ଼ିଯାଏ।



ସାଥୀ

# ମନରେ ଘାରିଲେ ପ୍ରେମର ନିଶା, ଜଣା ପଡେନାହିଁ ଖରା-ବରଷା

**ପ୍ରଶ୍ନ**-ମୋ ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି। ହେଲେ ମୋର ଏହି ଅଧା ସପନ କେବେ ପୂରଣ ହେବ ଜାଣିପାରୁନାହିଁ। କ'ଣ କରିବି ?

*-ଅମନ କୁମାର, ବାଲେଶ୍ୱର*

**ଉତ୍ତର :** ଧାଡି ନ ମାନି ଆପଣ ପ୍ରେମରେ ବହୁ ଦୂରକୁ ଉଡି ଯାଇଛନ୍ତି। ଯାହାକୁ ଥରେ ପ୍ରେମର ନିଶା ଘାରେ ତାକୁ କିଛି ଜଣାପଡେନା। 'ମନରେ ଘାରିଲେ ପ୍ରେମର ନିଶା, ଜଣା ପଡେନାହିଁ ଖରା-ବରଷା।' ତେଣୁ ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ପ୍ରତିଟି କଥାକୁ ଆଦୌ ହାଲକା ଭାବରେ ନିଅନ୍ତୁ ନାହିଁ। ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ତା'ପରେ ଯଦି ସବୁ ଠିକ୍‌ଠାକ୍ ଚାଲିଲା ତେବେ ସୋନେ ପେ ସୁହାଗା, ନା କ'ଣ କହୁଛନ୍ତି !

**ପ୍ରଶ୍ନ**- ଜଣେ ସୁନ୍ଦରୀ ମୋତେ କିଛି କହିବାକୁ ଚାହୁଁଛି, ହେଲେ କହିପାରୁନି। କ'ଣ କରିବି ?

*-ସମୀର ରାଉତ, କେନ୍ଦ୍ରାପଡା*

**ଉତ୍ତର :** ପ୍ରଥମେ ମନରେ ସାହସ ଏକଜୁଟ୍ କରନ୍ତୁ। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, ହେଲେ କହିପାରୁନି। ଯଦି ସମ୍ଭବ ତାହାର କାରଣ ଅନୁଧ୍ୟାନ କରନ୍ତୁ। ଯାହାକୁ ପ୍ରପୋଜ କରିଛନ୍ତି ତାହାର ମନର କଥା ହୁଏତ ଚାହାଣୀ ମାଧ୍ୟମରେ ଜଣାପଡିପାରେ। କାରଣ, ଅଳପ ହସକୁ ଚୋରା ଚାହାଣୀ, ସେଇଠୁ ଆରମ୍ଭ ପ୍ରେମ କାହାଣୀ'। ଯଦି ସେପଟୁ କିଛି ସିଗନାଲ ପାଉଛନ୍ତି ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**- ଲାଜରୁ ପ୍ରେମ ସୃଷ୍ଟି ହୁଏ ବୋଲି ଶୁଣିଛି। ଏକଥା କ'ଣ ସତ ?

*-ତନ୍ମୟ ଦାସ, ପୁରୀ*

**ଉତ୍ତର :** ସୁନ୍ଦରୀ ଲାଜରେ ଅନେକ କଥା ଲୁଚି ରହିଥାଏ। ବିଶେଷ ଭାବରେ ପ୍ରେମ ପୂର୍ବରୁ ଯଦି ଝିଅଟି ଲାଜେଇ ଲାଜେଇ ଚାହିଁଲା ତେବେ ଧରି ନିଅନ୍ତୁ ଯେ ସେହି ଲାଜରେ କିଛି ସ୍ପେଶାଲ କଥା ଲୁଚି ରହିଛି। କେବଳ ମଗଜ ଖଟେଇ ସେହି ଭିତିରି କଥାକୁ ପଢ଼ି ପାରିଲେ ହେଲା। କାରଣ ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ଯଦି ସେ ଲାଜକୁ ନେଇ ଆପଣ ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ବାସ୍ ପ୍ରେମର ସୂରାକ ପାଇବା ମାତ୍ରେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**-ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। କ'ଣ କରିବି ?

*-ପ୍ରସନ୍ନ କୁମାର, ଯାଜପୁର*

**ଉତ୍ତର :** ସେ ଝିଅ ଆପଣଙ୍କ କଥା ଶୁଣି ହସି ଦେଉଛି, ଏଥିରୁ ଅନୁମାନ କରିହେଉଛି ଯେ ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ**- ଝିଅଙ୍କ ନଖରାମିରେ ପ୍ରେମ ଲୁଚି ରହିଥାଏ କି ?

*-ତପନ ସାହୁ, ବ୍ରହ୍ମପୁର*

**ଉତ୍ତର :** କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ହେଲେ ବେଳେବେଳେ ସେହି ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ସେହି ନଖରାମିକୁ ସିରିୟସଲି ନେଇ କିଛି ବି ନେଗେଟିଭ କଥା ମନରେ ଆଣନ୍ତୁ ନାହିଁ। ବରଂ ପ୍ରେମିକାର ସେହି ନଖରାମିକୁ ବୁଝିବାକୁ ଚେଷ୍ଟା କରି ପରସ୍ପର ଭିତରେ ଭଲ ପାଇବା କିପରି ଦୃଢ଼ ହେବ ସେ କଥା ଭାବନ୍ତୁ। ଦେଖିବେ ଧୀରେ ଧୀରେ ପ୍ରେମିକାର ନଖରାମି ବି ଆପଣଙ୍କୁ ଭାରି ମଜା ଲାଗିବ।





# ସ୍ୱପ୍ନରେ ଫୁଲ

**ସ୍ୱପ୍ନରେ ଆମେ ଅନେକ କିଛି ଦେଖିଥାଉ। କେବେ ତାହା ମନରେ ଭୟ ସୃଷ୍ଟି କରାଏ ତ କେବେ ଓଠରେ ମଧୁର ହସଟିଏ ଫୁଟାଇଦିଏ। ତେବେ ଜାଣନ୍ତିକି ପ୍ରତି ସ୍ୱପ୍ନ ଆମକୁ କିଛି ସଙ୍କେତ ଦେଇଥାଏ। ଠିକ୍ ସେମିତି ଫୁଲକୁ ନେଇ ସ୍ୱପ୍ନ ବି ଦେଇଥାଏ କିଛିଟା ସଙ୍କେତ। ଜାଣନ୍ତୁ ସେ ସମ୍ପର୍କରେ...**

ଆମର ସଚେତନ ମସ୍ତିଷ୍କ ଯାହା ସବୁ ଦେଖିଥାଏ ଶୋଇବାବେଳେ ସେଇସବୁ ଜିନିଷ ଅବଚେତନ ମସ୍ତିଷ୍କରେ ସ୍ୱପ୍ନ ଆକାରରେ ଆମକୁ ଦେଖାଯାଇଥାଏ। ଏହିସବୁ ସ୍ୱପ୍ନ କେବେ ମନେ ରହେ ତ କେବେ ଉଠିବାର କିଛି ସମୟ ପରେ ମନରୁ କୁଆଡ଼େ ଲିଭିଯାଏ। ଅନେକେ କୁହନ୍ତି ସ୍ୱପ୍ନ ତ କେବଳ ସ୍ୱପ୍ନ, ସେ କ'ଣ କେବେ ସତ ହୋଇପାରେ। ତେବେ ଆଉ କେତେକେ କୁହନ୍ତି ସ୍ୱପ୍ନ ସବୁ କେବଳ ସ୍ୱପ୍ନ ନୁହେଁ ବରଂ ଆଗାମୀ ଦିନରେ ଘଟିବାକୁ ଥିବା ଘଟଣାର ଗୋଟେ ଗୋଟେ ସଙ୍କେତ। ତେଣୁ ସ୍ୱପ୍ନକୁ କେବେ ହେୟଜ୍ଞାନ କରିବା ଠିକ୍ ନୁହେଁ। ସ୍ୱପ୍ନରେ ତ ଆମେ ଅନେକ କଥା ଦେଖିଥାଉ। ତେବେ କେହି କେବେ ଫୁଲକୁ ନେଇ ସ୍ୱପ୍ନ ଦେଖିଛନ୍ତି କି? ଯଦି ଦେଖିଛନ୍ତି ତେବେ ସେଇ ସ୍ୱପ୍ନ କ'ଣ ସଙ୍କେତ ଦିଏ ଜାଣିବାକୁ ଇଚ୍ଛା ନିଶ୍ଚୟ ହୋଇଥିବ। ଜାଣନ୍ତୁ ସ୍ୱପ୍ନରେ ଫୁଲ ଦେଖିବା ଦିଏ କି ସଙ୍କେତ...

**ଗୋଲାପ:** ସ୍ୱପ୍ନ ଶାସ୍ତ୍ର ଅନୁସାରେ ସ୍ୱପ୍ନରେ ପ୍ରେମର ପ୍ରତୀକ ଗୋଲାପ ଫୁଲ ଦେଖିବାର ଅର୍ଥ ହେଉଛି ଆପଣଙ୍କ ଜୀବନରେ ପ୍ରେମର ଫୁଲ ଫୁଟିବ। ମନ ବୁଝିପାରିବା ତଥା ବହୁତ ଭଲ ପାଉଥିବା ମଣିଷ ଜଣେ ଜୀବନକୁ ସୁନ୍ଦର କରିବାକୁ ଆସିବେ। ଯଦି ଆପଣଙ୍କ ଜୀବନରେ ସାଥୀଟିଏ ଅଛନ୍ତି ଆଉ ଏହି ସ୍ୱପ୍ନ ଦେଖୁଛନ୍ତି ତେବେ ତା'ର ଅର୍ଥ ଆପଣଙ୍କୁ ଅଧିକ ପ୍ରେମ ଓ ମାନସମ୍ମାନ ମିଳିବ।

**ପଦ୍ମ ଫୁଲ:** ସ୍ୱପ୍ନରେ ପଦ୍ମ ଫୁଲ ଦେଖିବା ଶୁଭ ସଙ୍କେତ ଦେଇଥାଏ। ଏହା ସଙ୍କେତ ଦିଏ ଯେ, ମା' ଲକ୍ଷ୍ମୀଙ୍କ କୃପାରୁ ଆପଣଙ୍କର ଧନଲାଭ ହେବ।


**ଗେଣ୍ଡୁ ଫୁଲ:** ସ୍ୱପ୍ନ ଶାସ୍ତ୍ର ଅନୁସାରେ ସ୍ୱପ୍ନରେ ଗେଣ୍ଡୁ ଫୁଲ ଦେଖିବା ଅର୍ଥ ଆପଣଙ୍କ ହାତରେ କୌଣସି ବଡ ପୁଣ୍ୟ କାମ ହେବାକୁ ଯାଉଛି।

**ରଙ୍ଗବିରଙ୍ଗର ଫୁଲ:** ରଙ୍ଗ ବିରଙ୍ଗର ସୁନ୍ଦର ଫୁଲ ସ୍ୱପ୍ନରେ ଦେଖିବା ସଙ୍କେତ ଦିଏ ଯେ, ଖୁବ୍ ଶୀଘ୍ର କିଛି ଶୁଭ ଖବର ମିଳିବ।

**ମଲ୍ଲି ଫୁଲ:** ସୁନ୍ଦର ମହକଭରା ମଲ୍ଲି ଫୁଲକୁ ସ୍ୱପ୍ନରେ ଦେଖିବା ଭାଗ୍ୟ ଚମକିବାର ଇଶାରା ଦିଏ । ତା'ସହ ଜୀବନରେ ନିଶ୍ଚୟ କିଛି ଖୁସିର ଖବର ଆସିବ ବୋଲି ସୂଚନା ଦିଏ।

**ଫୁଲର ମାଳା:** ଫୁଲର ମାଳା ସ୍ୱପ୍ନ କହେ ଆପଣଙ୍କ ଘରେ କିଛି ମାଙ୍ଗଳିକ କାର୍ଯ୍ୟ ହେବାକୁ ଯାଉଛି।

**ବାସି ଝାଉଁଳି ଯାଇଥିବା ଫୁଲ:** ଝାଉଁଳି ଯାଇଥିବା ବାସି ଫୁଲ ସ୍ୱପନ୍ରେ ଆସିଲେ ଏହା ସୂଚାଇଥାଏ ଯେ, ଆପଣଙ୍କର କୌଣସି ନିକଟତର ଲୋକଙ୍କ ସହ ଝଗଡା ବା ମନୋମାଳିନ୍ୟ ହୋଇପାରେ। ତେଣୁ ସତର୍କ ରହିବା ଜରୁରୀ।





# ମଡେଲ୍ ମିରର୍

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ଶର୍ମିଷ୍ଠା



ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

# ହାଃ ହାଃ

## କାଟିଦିଅ


ସୋନୁ ମା'ଙ୍କୁ: ମା' ଏଇ ଦଉଡ଼ିକୁ ଟିକେ ତୁମ ଜିଭରେ କାଟିଦେଲ।
ମା': ବୋକା କୋଉଠିକାର ଦଉଡ଼ିକୁ ଜିଭରେ କେମିତି କାଟିବି ?
ସୋନୁ: କାଲିପରା ବାପା କହୁଥିଲେ ତମ ଜିଭ କଇଁଚି ପରି ଚାଲୁଛି।

## ବୁଲେଇ ନେଇଛ

ସ୍ତ୍ରୀ ସ୍ୱାମୀଙ୍କୁ: ପଡ଼ିଶାଘର ମହାନ୍ତିବାବୁ ପ୍ରତିବର୍ଷ ତାଙ୍କ ସ୍ତ୍ରୀଙ୍କୁ ୧୫ ଦିନ ପାଇଁ ବାହାରକୁ ବୁଲେଇବାକୁ ନେଇକି ଯାଆନ୍ତି। ହେଲେ ତମେ କେବେ ନେଇଛ ?
ସ୍ୱାମୀ: ମୁଁ ତ ତାଙ୍କ ସ୍ତ୍ରୀଙ୍କୁ ୪-୫ ଥର କହିଲିଣି ଚାଲ ବୁଲିଯିବା। ହେଲେ ସେ ରାଜି ହେଉ ନାହାନ୍ତି। ମୁଁ କ'ଣ କରିବି ?

## ମୋଟା

ପପୁ ଗୋପୁକୁ: ଆରେ, ତୁ ଏତେ ମୋଟା କେମିତି ହେଲୁ ?
ଗୋପୁ: ଆମ ଘରେ ଫ୍ରିଜ୍ ନାହିଁ ନା ସେଥିପାଇଁ।
ପପୁ: ଫ୍ରିଜ୍ ସହ ତୋର ମୋଟା ହେବାର କ'ଣ ସମ୍ପର୍କ ?
ଗୋପୁ: ଫ୍ରିଜ୍ ନ ଥିବା ଯୋଗୁ ବଳକା ଖାଦ୍ୟ ଫ୍ରିଜ୍‌ରେ ରଖି ହଉନି। ଆଉ ସେଇ ବଳକା ଖାଦ୍ୟକୁ ବି ମତେ ଖାଇବାକୁ ପଡୁଛି।



# ମାଜୁଲି



**ବ୍ରହ୍ମପୁତ୍ର ନଦୀ ଦ୍ୱାରା ସୃଷ୍ଟି ହୋଇଥିବା ଏକ ଦ୍ୱୀପର ନାଁ ମାଜୁଲି। ଏହା ଆସାମରେ ଅବସ୍ଥିତ। ଆକର୍ଷଣୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଏଠାକାର ସଂସ୍କୃତି ଓ ପରମ୍ପରା ବେଶ୍ ମନଛୁଆଁ ହୋଇଥାଏ। ନୌକାବିହାର ସାଙ୍ଗକୁ ବିଭିନ୍ନ ପ୍ରକାର ପକ୍ଷୀଙ୍କୁ ଦେଖିବାର ସୁଯୋଗ ବି ଏଠାରେ ମିଳିଥାଏ। ତା'ଛଡ଼ା ଭିନ୍ନ ଭିନ୍ନ କିସମର ପ୍ରାୟ ଶହେ ପ୍ରକାର ଧାନ ଏଠି ଚାଷ କରାଯାଉଥିବାର ସୂଚନା ମଧ୍ୟ ରହିଛି। ଖାସ୍ ଏହିସବୁ କାରଣ ପାଇଁ ପ୍ରାୟତଃ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ...**

ଆସାମର ଜୋର୍‌ହାଟ ସହରଠାରୁ ପ୍ରାୟ ୨୦କି.ମି. ଦୂରରେ ରହିଛି ମାଜୁଲି ନାମକ ପର୍ଯ୍ୟଟନସ୍ଥଳୀ। ପ୍ରକୃତପକ୍ଷେ ଏହା ବ୍ରହ୍ମପୁତ୍ର ନଦୀ ଦ୍ୱାରା ସୃଷ୍ଟି ହୋଇଥିବା ଏକ ବଡ଼ ଆକାରର ଦ୍ୱୀପ। ସେଥିପାଇଁ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ୍ ମନୋରମ । କେବଳ ସେତିକି ନୁହେଁ , ଏହା ଏକ ସାଂସ୍କୃତିକ କ୍ଷେତ୍ର ଭାବେ ଜଣାଯାଇଥାଏ। ବର୍ଷ ସାରା ଏଠାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଥାଏ। ପ୍ରତିବର୍ଷ ନଭେମ୍ବର ମାସରେ ଏଠାରେ ଏକ ସ୍ୱତନ୍ତ୍ର ରାସ ଉତ୍ସବର ଆୟୋଜନ କରାଯାଇଥାଏ ; ଯାହା ଖୁବ୍ ଲୋକପ୍ରିୟ । ଏଥିସହିତ ମାଜୁଲିରେ ଦେଖିବା ପାଇଁ ଅନେକ ମନୋରମ ପର୍ଯ୍ୟଟନସ୍ଥଳୀ ବି ରହିଛି। ଏଗୁଡ଼ିକ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ।

### କ'ଣ ଦେଖିବେ

ମାଜୁଲି ଏକ ଦ୍ୱୀପ ହେଲେ ବି ଏହା ମଧ୍ୟରେ ଦେଖିବା ପାଇଁ ଅନେକ ସୁନ୍ଦର ସୁନ୍ଦର ପର୍ଯ୍ୟଟନସ୍ଥଳୀ ରହିଛି, ଯେମିତିକି:

* **କମଲାବାଡ଼ି ସାତରା:** ଏହା ହେଉଛି ଏକ ଧାର୍ମିକ ସ୍ଥଳ ; ଯେଉଁଠିକାର କଳା, ସଂସ୍କୃତି, ସାହିତ୍ୟ ଓ ଶାସ୍ତ୍ରୀୟ ଅଧ୍ୟୟନ ବେଶ୍ ମନଛୁଆଁ ହୋଇଥାଏ। ତା'ଛଡ଼ା ଏଠାରେ ଅନେକ ସମୟରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ବି କରାଯାଇଥାଏ, ଯେଉଁଥିରେ ଭାଗନେବା ପାଇଁ ଦେଶର ବହୁ ସ୍ଥାନରୁ କଳା ପ୍ରଦର୍ଶନକାରୀମାନେ ଆସୁଥିବାବେଳେ ବିଭିନ୍ନ ଜାଗାରୁ ଦର୍ଶକ ମଧ୍ୟ ଆସିଥାନ୍ତି।
* **ଦକ୍ଷିଣପାଟ ସାତରା:** ଏହା ମାଜୁଲିସ୍ଥିତ ଏକ ଐତିହାସିକ ପର୍ଯ୍ୟଟନସ୍ଥଳୀ। ଏଠାକାର ଏକ ପ୍ରମୁଖ ଉତ୍ସବ ହେଉଛି ରାସ ମହୋତ୍ସବ, ଯାହାକୁ ସ୍ଥାନୀୟ ଲୋକେ ବେଶ୍ ଧୁମଧାମରେ ପାଳନ କରିଥାନ୍ତି।
* **ଗରମୁର ସାତରା:** ଏହା ମଧ୍ୟ ହେଉଛି ସ୍ଥାନୀୟ ଏକ ପବିତ୍ର ସ୍ଥଳୀ। ଏଠାରେ ବହୁ ପ୍ରାଚୀନ ଲେଖା ଓ କଳାକୃତିକୁ ଦେଖିବାର ସୁଯୋଗ ମିଳିଥାଏ।
* **ଔନିଆତି ସାତରା:** ଏଠାରେ ବିଭିନ୍ନ ପ୍ରକାର ପାରମ୍ପରିକ ଲୋକକଳା ଓ ଲୋକନୃତ୍ୟ ଦେଖିବାର ସୁଯୋଗ ମିଳିଥାଏ।
* **ଡେଙ୍ଗପାନିୟା:** ଏହା ହେଉଛି ବ୍ରହ୍ମପୁତ୍ର ନଦୀତଟରେ ଅବସ୍ଥିତ ଅନ୍ୟ ଏକ ଆକର୍ଷଣୀୟ ପିକ୍‌ନିକ୍ ସ୍ପଟ୍। ଏଠାରେ ଆକର୍ଷଣୀୟ ବାସ୍ତୁକଳାରେ ନିର୍ମିତ ଏକ ଭବ୍ୟମନ୍ଦିର ଥିବାର ଦେଖିବାକୁ ମିଳିଥାଏ। ତା'ଛଡ଼ା ନଦୀତଟରେ ଅବସ୍ଥିତ ଥିବାରୁ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ବି ବେଶ୍ ମନୋରମ ଲାଗିଥାଏ।





### ଅନ୍ୟାନ୍ୟ ଆକର୍ଷଣ

ଏଠାରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବୁଲି ଦେଖିବା ସହ ପର୍ଯ୍ୟଟକ ଚାହିଁଲେ ନୌକା ବିହାରର ମଜା ବି ଏଠି ନେଇପାରିବେ। ତା'ଛଡ଼ା ନଦୀ ଅବବାହିକାରେ ଏହି ସ୍ଥାନଟି ଥିବାରୁ ପ୍ରାୟତଃ ଏଠାରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ଦେଖିବାର ସୁଯୋଗ ମିଳିଥାଏ। ଖାସ୍‌କରି ଶୀତଦିନେ ଏଠାରେ ବହୁ ସଂଖ୍ୟକ ପକ୍ଷୀଙ୍କୁ ଦେଖିହୁଏ। ଏସବୁ ବ୍ୟତୀତ ମାଜୁଲିରେ କୁଆଡ଼େ ପ୍ରାୟ ଶହେ କିସମର ଧାନ ଚାଷ କରାଯାଉଥିବାର ସୂଚନା ରହିଛି। ପର୍ଯ୍ୟଟକ ବି ଏ ସମ୍ପର୍କରେ ଅନେକ ତଥ୍ୟ ଏଠାରୁ ପାଇପାରିବେ। କେବଳ ସେତିକି ନୁହେଁ, ମାଟି, ପଥର ଓ ପିତଳରେ ତିଆରି ଅନେକ ସୁନ୍ଦର ସୁନ୍ଦର ଘରକରଣା ଜିନିଷ ତିଆରି କରିବାରେ ବି ସ୍ଥାନୀୟ ଲୋକେ ବେଶ୍ ମାହିର ହୋଇଥାନ୍ତି।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ହେଁ, ଖାସ୍‌କରି ଶୀତଦିନେ ଏଠାକୁ ଯିବା ପାଇଁ ସବୁଠୁ ଉପଯୁକ୍ତ ହୋଇଥାଏ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ସେହିପରି ଏହା ଯେହେତୁ ଏକ ଦ୍ୱୀପ, ତେଣୁ ଏଠାକୁ କେବଳ ନୌକା ହେଉ କିମ୍ବା ବୋଟ୍ ଦ୍ୱାରା ଯାଇହେବ। ତେବେ ଦେଶର ବିଭିନ୍ନ ସ୍ଥାନରୁ ଟ୍ରେନ୍ ହେଉ କିମ୍ବା ବସ୍ ଅଥବା ଫ୍ଲାଇଟ୍ ଯୋଗେ ପ୍ରଥମେ ଜୋର୍‌ହାଟରେ ପହଞ୍ଚି ସେଠାରୁ ନୌକା ଯୋଗେ ମାଜୁଲିକୁ କିପରି ଯାଇହେବ ସେ ନେଇ ପର୍ଯ୍ୟଟକଙ୍କୁ ବ୍ୟବସ୍ଥା କରିବାକୁ ହୋଇଥାଏ।







# କଥା ଜିଲାପିର







**ଚି**ନି ଶିରାରେ ଭିଜା କୁର୍‌ମୁରା ଲାଲ ଓ ନାରଙ୍ଗୀ ରଙ୍ଗର ମିଷ୍ଟାନ୍ନ ଇଏ। ଦେଖିବାକୁ ଟେଢ଼ାମେଢ଼ା ଗୋଲ ଗୋଲ। ପାଟିକୁ ଗଲେ ମନ ଖୁସିରେ ଭରିଯାଏ। ଏଇ ହେଉଛି ଜିଲାପି। ଛୋଟ ପିଲାଙ୍କଠୁ ଆରମ୍ଭକରି ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରିୟ ଇଏ। ଆଉ ଗରମ ଗରମ ଜିଲାପି ଖାଇବାର ମଜା ତ ଅଲଗା। ଭାରତର ବିଭିନ୍ନ ରାଜ୍ୟରେ ଛୋଟ ବଡ଼ ବିଭିନ୍ନ ଆକାରର ଜିଲାପି ଦେଖିବାକୁ ମିଳେ। କମ୍ ମୂଲ୍ୟରେ ତାଜା ଜିଲାପି ମିଳୁଥିବାରୁ ଲୋକେ ମନ ଖୁସିରେ ଖାଇଥାନ୍ତି। ଖୁସିର ଅବସର ତଥା ଉତ୍ସବ ସମୟରେ ତ ଏହାର ଚାହିଦା ବେଶି ଥାଏ। ଅନେକ ସ୍ଥାନରେ ଜିଲାପି ସହ ରାବିଡ଼ି, କ୍ଷୀର ଖିଆଯାଏ। ପୁଣି କେଉଁଠି ଏହାକୁ ଦହି ସହ ବି ଖିଆଯାଏ। ହେଲେ ଜାଣନ୍ତି ଏହାର ଇତିହାସ ସମ୍ପର୍କରେ। ଆଉ କ'ଣ ସବୁ ରୋଚକ କଥା ରହିଛି ଜିଲାପି ବିଷୟରେ...

**ଜିଲାପିର ଆରମ୍ଭ:** ଭାରତରେ ଜିଲାପିର ଇତିହାସ ୫୦୦ ବର୍ଷ ପୁରୁଣା ବୋଲି ବିଶ୍ୱାସ କରାଯାଏ। କୁହାଯାଏ ତୁର୍କୀ ଆକ୍ରମଣକାରୀଙ୍କ ସହ ଏହା ଭାରତକୁ ଆସିଥିଲା। ସମୟକ୍ରମେ ଏହାର ନାମ, ପ୍ରସ୍ତୁତି ପ୍ରଣାଳୀ ଓ ସ୍ୱାଦରେ ଆସିଛି ଅନେକ ପରିବର୍ତ୍ତନ। ଆରବୀୟ ଶବ୍ଦ 'ଜଲାବିୟା' ଅବା ଫାରସୀ ଶବ୍ଦ 'ଜଲିବିୟା'ରୁ 'ଜଲେବି' ଶବ୍ଦ ଆସିଛି ବୋଲି ଧରାଯାଏ। ଯାହା ଓଡ଼ିଶାରେ ଜିଲାପି ନାମରେ ବେଶ୍ ପରିଚିତ। ମଧ୍ୟକାଳୀନ ପୁସ୍ତକ 'କିତାବ- ଅଲ -ତବିକ'ରେ 'ଜଲାବିୟା' ନାମକ ମିଠେଇର ବର୍ଣ୍ଣନା ରହିଛି। ଯାହା ପଶ୍ଚିମ ଏସିଆରୁ ଆସିଥିବା ଶବ୍ଦ। ଜିଲାପି ଭାରତ ନୁହେଁ ଇରାନରେ ବି ମିଳିଥାଏ। ସେଠାରେ ଏହାକୁ 'ଜୁଲାବିୟା' ବା 'ଜୁଲୁବିୟା' କୁହାଯାଏ। ଆରବୀୟ ପାକକଳା ପୁସ୍ତକରେ 'ଜୁଲୁବିୟା' ପ୍ରସ୍ତୁତି ପ୍ରଣାଳୀ ବି ରହିଛି। ୧୭ ଶତାବ୍ଦୀରେ 'ଭୋଜନକୁତୁହଲା' ନାମକ ପୁସ୍ତକରେ ଓ ସଂସ୍କୃତର ପୁସ୍ତକ 'ଗୁଣ୍ୟଗୁଣବୋଧିନି'ରେ ବି ଜିଲାପି ସମ୍ପର୍କରେ ଉଲ୍ଲେଖ ରହିଛି।

### ଜିଲାପିର ପ୍ରକାର

ଜିଲାପି ପ୍ରସ୍ତୁତି ପ୍ରଣାଳୀ ଓ ସ୍ୱାଦ ପ୍ରାୟ ସବୁ ସ୍ଥାନରେ ଏକାପରି ହୋଇଥିଲେ ହେଁ ଭିନ୍ନ ଭିନ୍ନ ସ୍ଥାନରେ ଏହାର ଭିନ୍ନ ଆକାରକୁ ନେଇ ଭିନ୍ନ ଭିନ୍ନ ନାମ ରହିଛି।

**ଜଲେବା:** ମଧ୍ୟପ୍ରଦେଶର ଇନ୍ଦୋରରେ ୩୦୦ ଗ୍ରାମର ଗୋଟିଏ ଜିଲାପି ମିଳିଥାଏ। ଏଥିରେ ଗ୍ରେଟେଡ୍ ପନିର ପକାଯାଇଥାଏ। ଏଠାରେ ଏହାକୁ 'ଜଲେବା' କୁହାଯାଏ।

**ଚନାର ଜିଲ୍‌ପି:** ପଶ୍ଚିମବଙ୍ଗରେ ଏହାକୁ 'ଚନାର ଜିଲ୍‌ପି' କୁହାଯାଏ। ସ୍ୱାଦରେ ଏହା ବଙ୍ଗାଳୀ ଗୋଲାପ ଜାମୁନ ପଣ୍ଟୁଆ ପରି ହୋଇଥାଏ, ଯାହାକୁ କ୍ଷୀର ମାଖାରେ ପ୍ରସ୍ତୁତ କରାଯାଇଥାଏ।

### ବିଦେଶରେ ଜିଲାପି

ଜିଲାପି କେବଳ ଭାରତରେ ନୁହେଁ, ଅନ୍ୟ ଦେଶରେ ବି ମିଳିଥାଏ। ଲେବାନନ୍‌ରେ ଜିଲାପି ଏକ ଲମ୍ବାକାର ପେଷ୍ଟ୍ରି। ଇରାନରେ ଏହାକୁ 'ଜୁଲୁବିୟା', ଟ୍ୟୁନିଶିଆରେ 'ଜଲାବିୟା' ଓ ଆରବରେ ଜିଲାପିକୁ 'ଜଲାବିୟା' କୁହାଯାଏ। ଆଫଗାନିସ୍ତାନରେ ମାଛ ସହ ଜିଲାପି ପରଷା ଯାଇଥାଏ। ଶ୍ରୀଲଙ୍କାରେ ବି ଲୋକେ ଜିଲାପି ଖାଆନ୍ତି। ଏଠାରେ ଏହାକୁ 'ପାନି ବିଲାଲୁ' କୁହାଯାଏ। ଏହା ଜିଲାପି ପରି ଦେଖିବାକୁ ହୋଇଥାଏ। ନେପାଳରେ 'ଜେରି ମିଠାଇ' ଜିଲାପିର ଏକ ରୂପ।

# ସବୁଠୁ ପତଳା ହାତଘଣ୍ଟା

**ସ**ମୟ କହୁଥିବା ହାତଘଣ୍ଟା ଅନେକ ସମୟରେ ଷ୍ଟାଟସ୍‌କୁ ବି ଦର୍ଶାଇଥାଏ। ଘଣ୍ଟା ଯେତେ ଷ୍ଟାଇଲିଶ୍ ଓ ଦାମୀ ତାହା ଷ୍ଟାଟସ୍‌କୁ ସେତେ ବଢ଼ାଇଥାଏ। ହାତରେ ବଡ଼ ବଡ଼ ଷ୍ଟାଇଲିଶ୍ ଘଣ୍ଟା ପିନ୍ଧିବାକୁ ଆଜିକାଲି ଯୁବପିଢ଼ି ବହୁତ ପସନ୍ଦ କରୁଛନ୍ତି। ହେଲେ ଜାଣନ୍ତି କି ଏବେ ୱାଚ୍ ନିର୍ମାତାଙ୍କ ଭିତରେ ପୃଥିବୀର ସବୁଠାରୁ ପତଳା ମେକାନିକାଲ ୱାଚ୍ ତିଆରି କରିବାର ପ୍ରତିଯୋଗିତା ଚାଲିଛି। ୨୦୧୮ରେ ପିଆଗେଟ୍ ଅଲ୍‌ଟିପ୍ଲାନୋ ଅଲ୍‌ଟିମେଟ୍ କନ୍‌ସେପ୍ଟ ନାମକ ୱାଚ୍ ୨ ମି.ମି.ମୋଟେଇର ତିଆରି କରି ୱାର୍ଲଡ ରେକର୍ଡ କରିଥିଲା। ଏହାପରେ ବୁଲ୍‌ଗେରିଆରେ ୧.୮ ମି.ମି. ମୋଟେଇର ଅକ୍ଟୋ ଫିନିସିମୋ ଅଲ୍ଟ୍ରା ନାମକ ୱାଚ୍ ତିଆରି ହୋଇଥିଲା। ହେଲେ ଏବେ ସ୍ୱିସ୍ ୱାଚ୍ ମେକର୍ ରିଚାର୍ଡ ମିଲେ ଫେରାରି କମ୍ପାନୀ ସହ ତା'ର ପାର୍ଟନରଶିପ୍‌କୁ ସେଲିବ୍ରେଟ୍ କରିବାକୁ ଯାଇ ତିଆରି କରିଛନ୍ତି ୧.୭୫ ମି.ମି. ମୋଟେଇର ଆର୍‌ଏମ୍ ୟୁପି-୦୧ ଫେରାରି ନାମକ ୱାଚ୍। ଏହା ଗ୍ରେଡ୍ ୫ ଟାଇଟାନିୟମ୍‌ରେ କ୍ରାଫ୍ଟ ହୋଇଛି ଓ ଏଥିରେ ଅଲ୍ଟ୍ରା ଥିନ୍ ମେକାନିଜମ୍ ହୋଇଛି। ଏହା ୧୦ ମିଟର ଗଭୀରତା ପର୍ଯ୍ୟନ୍ତ ୱାଟରପ୍ରୁଫ୍। ତା'ସହ ଏଥିରେ ୪୫ ଘଣ୍ଟା ପାୱାର ରିଜର୍ଭ ସିଷ୍ଟମ ବି ଅଛି। ଏହାର ମାତ୍ର ୧୫୦ଟି ୟୁନିଟ୍ ତିଆରି ହୋଇଛି, ଯାହାର ମୂଲ୍ୟ ୧୮,୮୮,୦୦୦ ଡଲାର ରଖାଯାଇଛି।







## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ

# ଉନ୍ନତିର ସରଳ ଉପାୟ

ଆମ ପୁରାଣ କିମ୍ବଦନ୍ତୀଠାରୁ ନେଇ ଇତିହାସ, ସାମାଜିକ ବିଜ୍ଞାନର ପରିସର ଭିତରେ ଯିଏ ଯେତେ ବଡ଼ ପଦବୀରେ ରହିଛନ୍ତି, ସେଥିରୁ ମୋ ଆଖିରେ ଅଧିକାଂଶ ବହୁପତ୍ନୀ ବ୍ରତ ଧାରଣ କରି ଜଗତକୁ ଉନ୍ନତମାନର ସେବା ଦେଖେଇଛନ୍ତି ଓ ଦେଇଛନ୍ତି। ଦେବତାମାନଙ୍କଠାରୁ ଆରମ୍ଭ କରି ରାଜା ମହାରାଜାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଅନେକ ରାଣୀ ଥିଲେ, ଏପରିକି କେତେକଙ୍କ ଶତାଧିକ ରାଣୀ ଥିଲେ (ରାଜା ନିଜେ ମନେ ରଖିପାରୁଥିବେ ପୁରୁଣା ରାଣୀଙ୍କ ଚେହେରା କି ନା ସନ୍ଦେହ)। ପୌରାଣିକ ଯୁଗର ପୂଜା ପାଉଥିବା ଦେବତା, ପୁରାତନ ଯୁଗର ରାଜା ମହାରାଜା ଜମିଦାର ସାହୁକାର, ଆଫଗାନ୍, ମୋଗଲ, ପଠାଣ, ବାଦଶାହ, ଫିଲ୍ମ, ରାଜନୀତି, ସାହିତ୍ୟ, ସଙ୍ଗୀତ ଏପରିକି ଏବେର ସ୍ୱାଇଁବାବୁ... ସବୁ କ୍ଷେତ୍ରରେ ପତ୍ନୀମାନଙ୍କ ସଂଖ୍ୟା ଗଣତି ବାହାରେ। ଅବଶ୍ୟ ଏମାନେ ସବୁ ବଡ଼ ଲୋକ ହେବା ପରେ ବହୁ ବିବାହ କରିଛନ୍ତି ନା ବଡ଼ ଲୋକ ହେବା ପାଇଁ ବହୁ ବିବାହ କରିଛନ୍ତି ତାହା ଗବେଷଣାସାପେକ୍ଷ। ପୌରାଣିକ ଯୁଗରୁ ଆଧୁନିକ ଯୁଗର ଇତିହାସ ଖୋଜିଲେ, ଖେଳେଇଲେ ଏହି ସିଦ୍ଧାନ୍ତରେ ପହଞ୍ଚି ହେବ ଯେ କେବଳ ଖଚିଖିଆ ଗରିବ ଲୋକମାନଙ୍କର ମାତ୍ର ଗୋଟିଏ ପତ୍ନୀ ଥାଏ। ଜାଣିହେଉଛି ଯେ ବଡ଼ ବଡ଼ ଚକ୍ରବର୍ତ୍ତୀ ରାଜାଙ୍କ ଭଳି, ପୁରାଣର ଶ୍ରୀକୃଷ୍ଣଙ୍କ ଭଳି, ସୀତାରିଷ୍ଟ ରବିଶଙ୍କରଙ୍କ ଭଳି କି ମିଜୋରାମର ଜିଓନା ରାଜାଙ୍କ ଭଳି ଇତିହାସ ପୃଷ୍ଠାରେ ଆମକୁ ଅମର ହେବା ପାଇଁ ବହୁପତ୍ନୀକ ହେବା ସବୁଠାରୁ ସହଜ ସରଳ ମାର୍ଗ। ଆପଣ ବିଶ୍ୱାସ କରନ୍ତୁ କି ନାହିଁ, କିନ୍ତୁ ବିଦ୍ୟାରାଣ ସତ। ମୋ ବ୍ୟଙ୍ଗ ଲେଖା ଉପରେ ଜଣେ ଛାତ୍ର ତା'ର ଏମ୍‌ଫିଲ୍ ଥେସିସ୍ ଲେଖୁଛି। ଗତକାଲି ମୋତେ ଫୋନ୍ କରିଥିଲା। ବିଭିନ୍ନ କଥାବାର୍ତ୍ତା ପରେ ମୋତେ ପଚାରିଲା– ସାର୍, ଆପଣ ବିବାହିତ ତ? ଯଦି ହଁ, ତେବେ କେବେ କରିଥିଲେ, ଆପଣଙ୍କ ପତ୍ନୀଙ୍କ ନାମ କ'ଣ, ଏହା ଏକ ପ୍ରେମ ବିବାହ କି ନା? ଦାମ୍ପତ୍ୟ ଜୀବନରେ ସଫଳତା କେତେ ପ୍ରତିଶତ, ସେ ବିଷୟରେ କିଛି କୁହନ୍ତୁ। ମୁଁ ପଚାରିଲି– ତୁମ ଥେସିସ୍ ସହ ମୋ' ଦାମ୍ପତ୍ୟର କ'ଣ ସମ୍ପର୍କ? ସେ କହିଲା– ଆମ ସାର୍‌ମାନେ, ମୋ ଗାଇଡ୍ କହିଛନ୍ତି, କାଳେ ସାକ୍ଷାତ୍କାରରେ ପରୀକ୍ଷକ ପଚାରି ପାରନ୍ତି। ଅଠର ବର୍ଷର ମୋର ବୈବାହିକ ଜୀବନରେ ପ୍ରଥମଥର ପାଇଁ ମୁଁ ମୋ ବିବାହକୁ ନେଇ ଭାବୁକ ହୋଇଗଲି। ସତରେ ବିବାହ କେତେ ପରିବର୍ତ୍ତନର କାରଣ! ଯେତେବେଳେ ଲୋକ କୋଡ଼ିଏ ତିରିଶ ବିବାହ କରିସାରି ମଧ୍ୟ ଅଟକି ଯାଇନାହାନ୍ତି, ବରଂ ଜୀବନର ସେହି ବୈବାହିକ ଆନନ୍ଦର ସ୍ୱର୍ଗୀୟ ସୁଖ ପାଇବା ପାଇଁ ବାରମ୍ବାର ବିବାହ କି ଲିଭ୍ ଇନ୍ କରିବାକୁ ଦୃଢ଼ ଆଶାବାଦୀ, ସେ ସମୟରେ ମାତ୍ର ଥରେ ବିବାହ କରି ସୁଖୀ ଦାମ୍ପତ୍ୟର ଧେଣ୍ଡୁରା ପିଟିବା କେତେ ହାସ୍ୟାସ୍ପଦ! ମୁଁ



ଗୋଟିଏ ସ୍ତ୍ରୀକୁ ସମ୍ଭାଳି ପାରୁନଥିବା ବେଳେ ଜଣେ ପଚିଶ ଜଣଙ୍କ ପରେ ଆହୁରି ବିବାହ କରିବା ପାଇଁ ସ୍ୱପ୍ନ ଦେଖୁଛି। ଧିକ୍ ମୋ' ପୌରୁଷତ୍ୱକୁ! ଭଗବାନ୍ ମଧ୍ୟ ଦୁଃଖ କରୁଥିବେ ଯେ ମୋ' ଭଳି ଗୋଟେ ଅପଦାର୍ଥକୁ ପୁରୁଷ ଜନ୍ମ ଦେଇ ବଡ଼ ଭୁଲ୍ କରିଛନ୍ତି। ଏହା ସତ ବୋଲି ମୋତେ ଏବେ ସତକୁ ସତ ଆକାଶବାଣୀ ହେଉଛି। ଭଗବାନ୍ ମୋ' ପ୍ରତି ଖୁସି ଥିବାର ପ୍ରମାଣ ମୋ' ପାଖରେ ନାହିଁ; ବରଂ ଅସନ୍ତୋଷର ପ୍ରମାଣ ଅନେକ ଅଛି। ଇତିହାସ ବହିରେ ପଢ଼ିଛି ଯେଉଁ ରାଜା ଯୁଦ୍ଧରେ ଅନ୍ୟ ରାଜ୍ୟ ଜୟ କରୁଥିଲେ, ସେ ରାଜ୍ୟର ସୁନ୍ଦରୀ ଝିଅ କିମ୍ବା ରାଜକୁମାରୀଙ୍କୁ ବିବାହ କରି ନିଜ ରାଜ୍ୟକୁ ନେଇ ଆସୁଥିଲେ। ଏହା ରାଜାଙ୍କୁ ଅଧିକ ମାତ୍ରାରେ ଉତ୍ସାହିତ କରୁଥିଲା କି କ'ଣ ରାଜାଙ୍କ ରାଜ୍ୟର ସୀମା ଯେତେ ବଢ଼ୁଥିଲା, ସେହି ଅନୁପାତରେ ରାଜାଙ୍କ ରାଣୀମାନଙ୍କ ସଂଖ୍ୟା ମଧ୍ୟ ବଢ଼ୁଥିଲା। ରାଜାରୁ ମହାରାଜା, ତା'ପରେ ରାଜଚକ୍ରବର୍ତ୍ତୀ। ଏମିତି ସେମାନଙ୍କ ଉନ୍ନତି ହେଇ ଚାଲୁଥିଲା। ପୁରୁଣା ରାଣୀ ନୂଆ ରାଣୀକୁ ହର୍ଷ ଉଲ୍ଲାସରେ ବନ୍ଦାପନା କରି ମହଲ ଭିତରକୁ ପାଛୋଟି ଆଣୁଥିଲେ। ମାଆ ପେଟର ଭଉଣୀଠୁ ଆହୁରି ନିବିଡ଼ ଅନ୍ତରଙ୍ଗ ସମ୍ପର୍କରେ ବାନ୍ଧି ହୋଇ ତାଙ୍କ ତାଙ୍କ ଭିତରେ ଭାବ ବିଆନିଆ କରୁଥିଲେ। ରାଜାଙ୍କ ଉତ୍ତରୋତ୍ତର ଉନ୍ନତି ପାଇଁ ବ୍ରତ ଉପବାସ ରଖି ପୂଜା ଆରାଧନା କରୁଥିଲେ। ଏକକାଳୀନ ଏତେ ରାଣୀ, ପୁଣି ସୁନ୍ଦରୀ ନାରୀଙ୍କ ପ୍ରାର୍ଥନା ଈଶ୍ୱର ନ ଶୁଣିବେ କେମିତି ! ଅଧ୍ୟାତ୍ମ ଗୁରୁଙ୍କ ପାଇଁ ପ୍ରମାଣ ଦିନରାତି ମିଡିଆରେ। ବଲିଉଡ୍ ହିରୋମାନଙ୍କ ଲାଗି ଜାଣି ଜାନ କୁର୍ବାନ୍ କରନ୍ତି ସୁନ୍ଦରୀ ପତ୍ନୀମାନେ। ନେତା, ସମ୍ବାଦଦାତା, ସାହିତ୍ୟ ଚାଷୀ, କ୍ରୀଡ଼ାବିତ୍ ଯୁଆଡ଼େ ଦେଖ ଅନେକ ସଫଳ ବ୍ୟକ୍ତିଙ୍କର ଅଧିକାରୀ ହେଲେ ବହୁ ପତ୍ନୀକ। ଏଥିରୁ ଏହା ପ୍ରମାଣିତ ହେଉନି କି ବହୁ ବିବାହ କଲେ ଉନ୍ନତି କରିବା ନିଶ୍ଚିତ। ଏଠାରେ ଯଦି କେହି ଭାବୁଥା'ନ୍ତି ଯେ, ବହୁ ପତ୍ନୀ ଭଳି ବହୁ ପତି ଗ୍ରହଣ ମଧ୍ୟ ଜଣେ ସ୍ତ୍ରୀ ପାଇଁ ଉନ୍ନତିର ମାଧ୍ୟମ ହୋଇପାରେ। ମହାଭାରତ ପରା ଘରେ ଘରେ। ତା'ଠୁ ବଡ଼ ପ୍ରମାଣ କ'ଣ ହୋଇପାରେ ! ମୋର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ଥିଲା, ଦେଖିବାକୁ ଯଦିଓ ଏତେଟା ହ୍ୟାଣ୍ଡସମ୍ ନୁହେଁ, କିନ୍ତୁ ଏତେଟା ଭୁର୍କୁଣ୍ଡା ମଧ୍ୟ ନୁହେଁ। ରହିବା ପାଇଁ ପିତୃଦତ୍ତ ସମ୍ପତ୍ତିର ଅଭାବ ନଥିଲା, ତଥାପି ମୁଁ ଆଜିଯାଏଁ ଉନ୍ନତିର ବାଟକୁ ଅଣଦେଖା କରି ସେଇ ଗୋଟିଏ ବିବାହରେ ଜୀବନର ମୂଲ୍ୟବାନ୍ ଗୁଡ଼ାଏ ବର୍ଷ ନଷ୍ଟ କରିସାରିଲିଣି। ଏହା ବିଡ଼ମ୍ବନା ନୁହେଁ ତ ଆଉ କ'ଣ! ଯଦି ମୁଁ ଅନେକ ବିବାହ କରିଥା'ନ୍ତି, ହୁଏତ ଭଗବାନ୍‌ଙ୍କ କୃପା ଦୃଷ୍ଟିରୁ ଆଜି ଦେଶର ଜଣେ ନାମଜାଦିଆ ବ୍ୟବସାୟୀ କି ବ୍ୟଙ୍ଗ ସାହିତ୍ୟରେ ନୋବେଲ ଲରିଏଟ ଭାବେ ନିଜକୁ ପ୍ରତିଷ୍ଠିତ କରିସାରନ୍ତିଣି। ହାୟ! କହିବ ତ ଏହି ଅବସୋସଟି କାହାକୁ କହିବ? ଘରେ ଥିବା ଘରଣୀ ଗୁଣମଣି ଏମିତି ରେକଟାଇ ଚାହିଁବେ ଯେ, ତୁମ ଭିତରେ ଖଣ୍ଡେ ଚାଖଣ୍ଡେ ରାଣୀଙ୍କୁ ଘେନିବା ନେଇ ଜମି ଆସୁଥିବା ମହତ୍ ଆକାଂକ୍ଷା ଧୂଆଁ ଧୂଆଁ ହୋଇ ପେଟ ଗୁରାଳି କାଶରେ ବାହାରିଯିବ।


*–ବନମାଳୀ ଭବନ, ଖାନନଗର, କଟକ ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ମାରାଗୁଡା ମହ୍ଲାର

**ସମ୍ପାଦନା–ସଞ୍ଜିବନୀସୁଧା ରଥ, ନୀଳିମା ରାଣୀ ସାଗର ଜୟଶ୍ରୀ ଦଣ୍ଡସେନା**
**ପ୍ରକାଶକ–କାବ୍ୟଲୋକ**
**ଗ୍ୟାରେଜଛକ, ଭୁବନେଶ୍ୱର–୨, ମୂଲ୍ୟ–୩୦୦ଟଙ୍କା**


ମାରାଗୁଡା ମହ୍ଲାର କବିତା ସଂକଳନରେ ୧୦୬ ଟି କବିତା ପ୍ରକାଶ ପାଇଛି। ସଂକଳନରେ ସ୍ଥାନୀତ ଅଧିକାଂଶ କବିତା ମାରାଗୁଡାର ଐତିହ୍ୟ ଓ ମହନୀୟତାକୁ କାବ୍ୟିକ ଅଭିବ୍ୟକ୍ତି ପ୍ରଦାନ କରିଛି। ଜନମାନସରେ ଜୀବନ୍ତ ଥିବା ମୌଖିକ ଇତିହାସ ଓ ନଥିର ପରିମାର୍ଜିତ ରୂପ। ସେହି ମାରାଗୁଡିର ସାଂସ୍କୃତିକ ମାନଚିତ୍ର ହିଁ ଏଠି ଅଧିକ ସ୍ପଷ୍ଟ। ଏହା ଭିତରେ ଅଛି ସୁନାବେଡ଼ା ଉପତ୍ୟକା, ପାତାଳ ଗଙ୍ଗା, ସୁବର୍ଣ୍ଣ ବେଢ଼ା ଇତ୍ୟାଦି । ସେଇ ମାଟି ମହକରେ ମାରାଗୁଡା ମହ୍ଲାରର କବିଅଧିକ କଳ୍ପନାମତ୍ତ ଓ ଅଧିକ ସ୍ୱପ୍ନବିଳାସୀ ହୋଇଛନ୍ତି । କବି ତାଙ୍କ କବିତାଗୁଡ଼ିକରେ ଅଞ୍ଚଳର ଯେଉଁ ସମସ୍ୟା କଥା କହିଛନ୍ତି, ତାହା ତାଙ୍କର ଜୀବନ୍ତ ଅନୁଭୂତି । ଏଥିରେ ଲେଖାଥିବା ସମସ୍ତ କବିତା ବେଶ୍ ହୃଦୟସ୍ପର୍ଶୀ। ଆଶା କବିତାଗୁଡିକ ପାଠକଙ୍କ ହୃଦୟକୁ ଆହ୍ଲାଦିତ କରିବ ।




### ଅନିର୍ବାଣ

**କନିକା ଶହୀଦ ସ୍ମୃତି ସଂସଦ ମୁଖପତ୍ର**
**ସମ୍ପାଦନା–ଶରତ ଜେନା**
**ପ୍ରକାଶକ– ଦିଶା ବୁକ୍ସ, ମୂଲ୍ୟ– ନିଶୁଳ୍କ**

ଅନିର୍ବାଣ ପୁସ୍ତକ କନିକା ଶହୀଦ ସ୍ମୃତି ସଂସଦର ମୁଖପତ୍ର । ଅସହଯୋଗ ଆନ୍ଦୋଳନ ସମୟରେ ଓଡିଶାର କନିକାରେ ପ୍ରଜା ଆନ୍ଦୋଳନର ଯେଉଁ ସ୍ୱର ଉଠିଥିଲା ତା ପଛରେ ରହିଥିଲା ଅନ୍ୟାୟ ଓ ଅତ୍ୟାଚାର। କେନ୍ଦ୍ରାପଡା ଜିଲାରେ ଅବସ୍ଥିତ କନିକା। ନଦୀ ମାତୃକାର ମାଟି। ଏହାର ୩ ପଟରେ ୩ଟି ନଦୀ ରହିଛି ଯଥା ବ୍ରାହ୍ମଣୀ, ବୈତରଣୀ ଓ ଖରସ୍ରୋତା। ସ୍ୱାଧୀନତା ଆନ୍ଦୋଳନରେ କନିକା ମାଟିର ସନ୍ତାନମାନେ ଅଂଶଗ୍ରହଣ କରିଥିଲେ। କନିକାର ପ୍ରତୀକ ଶହୀଦ ବାସୁ ବିସୁନି । ସେ ଥିଲେ କନିକାର ସଂଗ୍ରାମୀ କୃଷକ । ସେ କନିକା ଲାଗି ୧୯୨୨ ଏପ୍ରିଲ ୨୩ରେ ଜୀବନ ଦେଇଥିଲେ । ମୁଖପତ୍ରଟିରେ କନିକା ପ୍ରଜା ଆନ୍ଦୋଳନ ଉପରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କର ଲେଖା ସ୍ଥାନୀତ ହୋଇଛି । ଯାହା ସଂଗ୍ରହଣୀୟ।




### ଆଧୁନିକ କଥା ସାହିତ୍ୟ: କେତେ ଦିଗନ୍ତ

**ଡକ୍ଟର ସଂଘମିତ୍ରା ମିଶ୍ର, ପ୍ରକାଶକ–ଅଗ୍ରଦୂତ**
**ବାଙ୍କାବଜାର, କଟକ–୨, ମୂଲ୍ୟ–୩୫୦ଟଙ୍କା**

ଆଧୁନିକ କଥା ସାହିତ୍ୟ:କେତେ ଦିଗନ୍ତ ଡକ୍ଟର ସଂଘମିତ୍ରା ମିଶ୍ରଙ୍କ ପ୍ରବନ୍ଧ ପୁସ୍ତକ। ଏଥିରେ ୨୬ଟି ପ୍ରବନ୍ଧ ସ୍ଥାନ ପାଇଛି। ଏଥିରେ ଫକୀର ମୋହନଙ୍କ କେତେଟି ଗଳ୍ପର ଆଲୋଚନାରୁ ଆରମ୍ଭ ହୋଇ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ପ୍ରତୀକ ପ୍ରୟୋଗରେ ଶେଷ ହୋଇଛି। ଏଥିରେ ବିଭିନ୍ନ କୃତିବିଦ୍ୟ ଓଡ଼ିଆ ଲେଖକଙ୍କର ଗଳ୍ପ ଓ ଉପନ୍ୟାସର ସାମଗ୍ରିକ ଆଲୋଚନା ତଥା କେତେକ ପୁସ୍ତକର ଏକକ ଆଲୋଚନାରେ ସମୃଦ୍ଧ ଏହି ପୁସ୍ତକ। ପୁସ୍ତକର ଶେଷ ପ୍ରବନ୍ଧ ହେଉଛି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ପ୍ରତୀକ ପ୍ରୟୋଗ। ଏଥିରେ ପ୍ରତୀକକୁ ବିଭିନ୍ନ ଉଦାହରଣ ମାଧ୍ୟମରେ ପ୍ରାବନ୍ଧିକା ବୁଝାଇଛନ୍ତି। ଏହା ଗବେଷକ ଛାତ୍ରଛାତ୍ରୀଙ୍କ ଲାଗି ସହାୟକ ହେବ। ଓଡ଼ିଆ ସାହିତ୍ୟରେ ରୁଚି ରଖୁଥିବା ପାଠକ ଓ ଗବେଷକଙ୍କ ପାଇଁ ପୁସ୍ତକଟି ଉପାଦେୟ ହୋଇପାରିବ।



# ନ୍ୟାପ୍ ବକ୍ସ




**କା**ମର ଚାପ ଆଜିକାଲି ଏତେ ବଢ଼ିଗଲାଣି ଯେ, ବିଶ୍ରାମ ନେବାକୁ ବି ସମୟ ମିଳୁନାହିଁ। ଫଳରେ କାମ କରୁ କରୁ ନିଦ ଆସି ଯାଉଛି। ଆଉ ପୁଣିଥରେ ଆଖି ମଳି କାମରେ ଲାଗିବାକୁ ପଡୁଛି। ଖାସ୍‌କରି ଏସିଆର ବିଭିନ୍ନ ଦେଶରେ ଓଭର ୱାର୍କ ସମସ୍ୟା ଦେଖାଯାଉଛି। ଏହାକୁ ନଜରରେ ରଖି ଟୋକିଓ ଫର୍ନିଚର ସ୍ପେଶାଲିଷ୍ଟଇତୋକି କର୍ପୋରେଶନ୍ ଓ ହୋକାଇଡୋର ପ୍ଲାଏଉଡ୍ ସପ୍ଲାୟର କୋୟୋଜୁ ଗୋହାନ ନିକଟରେ ଲାଇସେନ୍ସ ପାଇଛନ୍ତି ଏପରି ଏକ ଜିନିଷ ତିଆରି କରିବା ପାଇଁ ଯାହା ଓଭରୱାର୍କ ଓ ତଦ୍‌ଜନିତ ନିଦ୍ରାହୀନତା ସମସ୍ୟା ଦୂରକରିପାରିବ। ସେମାନେ ତିଆରି କରିଛନ୍ତି ମଣିଷ ଉଚ୍ଚତାର କାଠର ଲମ୍ବା ବକ୍ସ ଭଳି ଦେଖାଯାଉଥିବା ଏହି ନ୍ୟାପ୍ ବକ୍ସ। ଏହି ନ୍ୟାପ୍ ବକ୍ସଗୁଡ଼ିକ ଖୁବ୍ ଶୀଘ୍ର ଜାପାନର ବିଭିନ୍ନ ଅଫିସ୍‌ରେ ଦେଖିବାକୁ ମିଳିବ। କାରଣ ସେଠାରେ କାମର ଚାପ ବହୁତ ବେଶି ଥାଏ। ଆଉ ନିଦ ଲାଗୁଥିବା କର୍ମଚାରୀ ଏହି ବକ୍ସ ଭିତରକୁ ଯାଇ କିଛି ସମୟ ଶୋଇପାରିବେ। ଏହା ଭିତରେ ଜଣେ ବ୍ୟକ୍ତି ଠିଆ ହୋଇ ଶୋଇପାରିବେ। ଭାବୁଥିବେ ଏହା କିପରି ସମ୍ଭବ। କିନ୍ତୁ ଏହି ନ୍ୟାପ୍ ବକ୍ସରେ ମୁଣ୍ଡ, ଆଣ୍ଠୁ, ପିଠିକୁ ସାହାରା ଦେବା ଭଳି ବ୍ୟବସ୍ଥା ଅଛି। ଫଳରେ ବେଶ୍ ଆରାମରେ ଠିଆ ହୋଇ ଜଣେ ଶୋଇପାରିବେ।



ବ୍ୟାକ୍ ପେଜ୍






# କାନରେ କେତେ ବଡ଼ କଣା

**ଟା**ଟୁକୁ ନେଇ ଲୋକଙ୍କ ଭିତରେ ବଢୁଥିବା ପାଗଳପଣର ନଜିର ବହୁତ ଦେଖିବାକୁ ମିଳୁଛି। ତା'ସହ ବଡି ମୋଡିଫିକେଶନ କରାଉଥିବା ଲୋକଙ୍କ ସଂଖ୍ୟା ବି ବଢ଼ିବାରେ ଲାଗିଛି। ଆମେରିକାର ବିୟାଙ୍କା ଫେରୋ ନାମ୍ନୀ ଯୁବତୀ ଏହି ଟ୍ରେଣ୍ଡରେ ନିଜକୁ ସାମିଲକରି ଏବେ ବେଶ୍ ଚର୍ଚ୍ଚାରେ ଅଛନ୍ତି। କେବଳ ଯେ ସେ ଶରୀରର ବିଭିନ୍ନ ସ୍ଥାନରେ ଟାଟୁ କରିଛନ୍ତି ତାହା ନୁହେଁ, ପିୟର୍ସିଂ ଓ ବଡି ମୋଡିଫିକେଶନ ବି କରାଇଛନ୍ତି। ଏହି ବଡି ମୋଡିଫିକେଶନ ଭିତରେ କାନଫଳିରେ ବଡ଼ କଣା କରିବା ଅନ୍ୟତମ। ଏବେ ତାଙ୍କ କାନ ଫଳିର କଣାର ଲମ୍ବ ୩.୩ ଇଞ୍ଚ ଅଛି। ସେ ଏହାକୁ ଆହୁରି ବଡ଼ କରିବାକୁ ଚାହୁଁଛନ୍ତି, ଯେମିତିକି ସବୁଠୁ ବଡ଼ କାନଫଳି କଣାର ରେକର୍ଡ ତାଙ୍କ ନାମରେ ହେବ। ଏହି ରେକର୍ଡ ଏବେ ଯାହା ନାମରେ ଅଛି ତାଙ୍କ କାନଫଳିର କଣା ୪ ଇଞ୍ଚର । ବିୟାଙ୍କା ଚେଷ୍ଟା ଚଳାଇଛନ୍ତି ତାଙ୍କ କାନଫଳିର କଣାକୁ ୪ ଇଞ୍ଚରୁ ଅଧିକ କରି ସେହି ରେକର୍ଡ ନିଜ ନାମରେ କରାଇବାକୁ। ତେବେ ତାଙ୍କ ମାତାପିତା ଟାଟୁ କରାଇବାର ଶକ୍ତ ବିରୋଧୀ ଥିଲେ। ତଥାପି ବିୟାଙ୍କା ୧୬ ବର୍ଷ ବୟସରେ ମା'ଙ୍କୁ ଅନେକ ବୁଝାଇ ଶରୀରରେ ପ୍ରଥମ ଟାଟୁ କରାଇବାର ଅନୁମତି ପ୍ରାପ୍ତ କରିଥିଲେ। ଆଉ କହିଥିଲେ ସେ ସେହି ଟାଟୁ ଏମିତି ସ୍ଥାନରେ କରିବେ ଯାହାକୁ କି ତାଙ୍କ ବାପା ଦେଖିପାରିବେ ନାହିଁ। ଆଉ ସେହିଭଳି ଏକ ଟାଟୁ ସେ ପ୍ରଥମେ ନିଜ ଶରୀରରେ କରିଥିଲେ। ପ୍ରଥମ ଟାଟୁ ପରେ ଟାଟୁ ନିଶା ତାଙ୍କର ବଢ଼ିଯାଇଥିଲା। ଆଉ ବାପାଙ୍କୁ ବହୁ ଅନୁରୋଧ କରି ସେ ଦ୍ୱିତୀୟ ଟାଟୁ କରିଥିଲେ। ପରେ ଏହି ନିଶା ଏତେ ବଢ଼ିଗଲା ଯେ ଅନେକ ଟାଟୁ ସହ ବଡି ମୋଡିଫିକେଶନ୍ ବି କଲେ। ଆଉ ଏବେ ସେ କାନଫଳିରେ ବଡ଼ କଣାର ରେକର୍ଡ କରିବାକୁ ପ୍ରୟାସ କରୁଛନ୍ତି।



# ରୋବୋ ସିଇଓ

**ବି**ଜ୍ଞାନର ଅଗ୍ରଗତି ଏଭଳିଭାବେ ହେବାରେ ଲାଗିଛି ଯେ ପୂର୍ବେ ଆମେ ଯାହାକୁ କଳ୍ପନା ବୋଲି ଭାବୁଥିଲୁ, ଆଜି ତାହା ବାସ୍ତବରେ ପରିଣତ ହୋଇପାରୁଛି। ଆଉ ବିଜ୍ଞାନ ତଥା ଅତ୍ୟାଧୁନିକ ଉପକରଣ ତ ଆମ ଜୀବନକୁ ସହଜ ଓ ସରଳ କରିବାରେ ଲାଗିଛି। ଆଜିକାଲି ବୈଜ୍ଞାନିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହୃତ ହ୍ୟୁମାନୋଏଡ ରୋବୋ ମଧ୍ୟ ତିଆରି କରୁଛନ୍ତି, ଯାହାର କର୍ମ କୁଶଳତା ଦେଖିଲେ ଆଶ୍ଚର୍ଯ୍ୟ ଚକିତ ହେବା ସୁନିଶ୍ଚିତ। ଚାଇନାର ମେଟାୱର୍ସ କମ୍ପାନୀ ନେଟ୍‌ଡ୍ରାଗନ ୱେସଫ୍ଟ ନିଜ ଅଫିସ୍‌ରେ ବସ୍ ତଥା ସିଇଓଭାବେ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବାଲା ହ୍ୟୁମାନୋଏଡ୍ ରୋବୋକୁ ନିଯୁକ୍ତ କରିଛି। ଏ ହେଉଛି ପୃଥିବୀର ପ୍ରଥମ ଘଟଣା ଯେଉଁଠି କମ୍ପାନୀର ଏକ ମୁଖ୍ୟ ପଦବୀରେ ରୋବୋ କାମ କରୁଛି। ଶୁଣିବାକୁ ଏହା କୌଣସି ସାଇନ୍ସ ଫିକ୍ସନ ମୁଭି ପରି ଲାଗୁଥିବ। କିନ୍ତୁ ବାସ୍ତବରେ ଚାଇନାର ଏକ କମ୍ପାନୀରେ ରୋବୋ ସିଇଓ ପଦବୀରେ ନିଯୁକ୍ତି ପାଇଛି। ଉକ୍ତ ରୋବୋର ନାମ ହେଉଛି 'ଏମ୍‌ଏସ୍ ତାଙ୍ଗ ୟୁ'। ସିଇଓ ଭାବରେ ତାଙ୍ଗ ୟୁ କମ୍ପାନୀର ସଙ୍ଗଠନ ଓ କୌଶଳ ବିଭାଗର ନେତୃତ୍ୱ ନେବା ସହ ଟ୍ୟାଲେଣ୍ଟ ଡେଭେଲପମେଣ୍ଟରେ ବି ମୁଖ୍ୟ ଭୂମିକା ତୁଲାଇବ। ତା'ସହ ଡାଟା ଆନାଲିସିସ୍‌ରେ ମଧ୍ୟ ସାହାଯ୍ୟ କରିବ। ୧୦ ବିଲିୟନ ଆମେରିକୀୟ ଡଲାର ମୂଲ୍ୟଯୁକ୍ତ ଏହି କମ୍ପାନୀ ପ୍ରେସ୍ ବିଜ୍ଞପ୍ତି ଦ୍ୱାରା ଏହା ଜଣାଇଛି ଯେ ତାଙ୍କ କମ୍ପାନୀରେ ସିଇଓ ଭାବେ ଏକ ରୋବୋକୁ ନିଯୁକ୍ତି ମିଳିଛି। ଆଉ ଏଇ ପଦକ୍ଷେପ ନେଇ ସେ ପ୍ରମାଣିତ କରିବାକୁ ଚାହୁଁଛନ୍ତି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବେ ବ୍ୟବହାର କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ।

